ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2025-2027
The Sweekar ସ୍ୱୀକାର
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ଏ ଶରତ ନାରାୟଣ ବେହେରା
RNI No. 66443/94
Vol.29 | Issue - 6 | 9 - 15 February 2025 | Sambalpur | Pages- 8 | Invitation Price Rs.10

# ଦିଲ୍ଲୀରେ ବିଜେପିର ବାଜିମାତ୍: ୨୭ ବର୍ଷ ପରେ କ୍ଷମତାକୁ ଫେରିଲା

ନୂଆଦିଲ୍ଲୀ : ଦିଲ୍ଲୀ ବିଧାନସଭା ନିର୍ବାଚନରେ କ୍ଷମତାସୀନ ଆପ୍ ଦଳକୁ ଚରମ ବିପର୍ଯ୍ୟୟର ସମ୍ମୁଖୀନ ହେବାକୁ ପଡିଥିବା ବେଳେ ନିରଙ୍କୁଶ ସଂଖ୍ୟା ଗରିଷ୍ଠତା ହାସଲ କରି ଦୀର୍ଘ ୨୭ ବର୍ଷ ପରେ ବିଜେପି କ୍ଷମତା ହାସଲ କରିବାରେ ସକ୍ଷମ ହୋଇଛି । ନିର୍ବାଚନରେ ଆପ୍‌କୁ ଶକ୍ତ ଝଟ୍‌କା ଲାଗିଛି । ଏପରିକି ଏହାର ରାଷ୍ଟ୍ରୀୟ ସଂଯୋଜକ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ଏବଂ ଉପମୁଖ୍ୟମନ୍ତ୍ରୀ ମନୀଷ ଶିଶୋଦିଆଙ୍କୁ ପରାଜୟର ସମ୍ମୁଖୀନ ହେବାକୁ ପଡିଛି । ଏହି ନିର୍ବାଚନରେ କଂଗ୍ରେସ ଖାତା ଖୋଲି ପାରି ନାହିଁ । ୨୦୧୫ ରୁ ବର୍ତ୍ତମାନ ପର୍ଯ୍ୟନ୍ତ କ୍ଷମତାରେ ରହିଥିବା ଆପ୍‌କୁ ୨୦୨୦ ନିର୍ବାଚନରେ ବିପୁଳ ସଫଳତା ମିଳିଥିଲା । ଏହି ନିର୍ବାଚନରେ ଆପ୍‌କୁ ସର୍ବାଧିକ ୬୨ ଟି ଆସନ ମିଳିଥିଲା ବେଳେ ବିଜେପିକୁ ୮ଟି ମିଳିଥିଲା । କଂଗ୍ରେସ୍ ଭାଗରେ କୌଣସି ଆସନ ପଡି ନ ଥିଲା । ତାହା ପୂର୍ବରୁ ୨୦୧୫ ରେ ଆପ୍ ୬୭ ଟି ଆସନ ଜିତିଥିଲା ବେଳେ ବିଜେପି ୩ ଟିରେ ବିଜୟୀ ହୋଇଥିଲା ଏବଂ କଂଗ୍ରେସ କିଛି ପାଇ ନ ଥିଲା । ତେବେ ୨୦୨୪ରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ଦିଲ୍ଲୀର ମୋଟ୍ ୭ଟି ଆସନରୁ ବିଜେପି ସବୁଥିରେ ଜିତିଥିଲା । ଅନ୍ୟ ପକ୍ଷରେ ୧୯୯୩ ରେ



ପ୍ରଥମ ଥର ପାଇଁ ବିଧାନସଭା ନିର୍ବାଚନ ହୋଇଥିଲା ଏବଂ ଏଥିରେ ବିଜେପି ବିଜୟୀ ହୋଇ ସରକାର ଗଠନ କରିଥିଲା । ତେବେ ୧୯୯୮ ରେ ଏହା ପରାଜିତ ହୋଇଥିଲା ।

ଗତ ୫ ତାରିଖ ଦିନ ଦିଲ୍ଲୀ ବିଧାନସଭାର ୭୦ ଟି ଆସନ ପାଇଁ ହୋଇଥିବା ନିର୍ବାଚନରେ ଅଧିକାଂଶ ଏକଜିଟ୍ ପୋଲ ବିଜେପି ସଂଖ୍ୟାଗରିଷ୍ଠତା ହାସଲ କରିବା ନେଇ ଆକଳନ କରିଥିଲେ ।

# ପ୍ରଫେସର ଦୀପକ କୁମାର ସାହୁ ଭିଏସ୍ଏସ୍ୟୁଟିର ନୂତନ କୁଳପତି

ଭୁବନେଶ୍ୱର : ରାଜ୍ୟପାଳ ତଥା କୁଳାଧିପତି ଡକ୍ଟର ହରି ବାବୁ କମ୍ଭମ୍ପାଟି ବୁର୍ଲାର ବୀର ସୁରେନ୍ଦ୍ର ସାଏ ୟୁନିଭରସିଟି ଅଫ୍ ଟେକ୍ନୋଲୋଜିର କୁଳପତି ଭାବେ ପ୍ରଫେସର ଦୀପକ କୁମାର ସାହୁଙ୍କୁ ନିଯୁକ୍ତି ଦେଇଛନ୍ତି । ୫୯ ବର୍ଷୀୟ ପ୍ରଫେସର ସାହୁ ବର୍ତ୍ତମାନ କୋଚିନ୍ ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିର ସ୍କୁଲ ଅଫ୍ ଇଂଜିନିୟରିଂରେ ପ୍ରଫେସର ଭାବେ କାର୍ଯ୍ୟରତ ଅଛନ୍ତି । ଓୟୁଟିଆର୍‌ରେ ବିଏସ୍‌ସି ଇଂଜିନିୟରିଂ (ସିଭିଲ) ପରେ ପ୍ରଫେସର ସାହୁ କୋଚିନ୍ ୟୁନିଭରସିଟି ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜିରେ ଏମ୍.ଟେକ୍ କରିଥିଲେ ଏବଂ ଆଇଆଇଟି ରୁର୍କିରୁ ପିଏଚ୍‌ଡ଼ି ହାସଲ୍ କରିଥିଲେ । ଏହାପରେ ପ୍ରଫେସର ସାହୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ଶ୍ରୀ ସାହୁଙ୍କର ଶିକ୍ଷାଦାନ କ୍ଷେତ୍ରରେ ୨୪ବର୍ଷର ଅଭିଜ୍ଞତା ଥିବାବେଳେ ପ୍ରଫେସର ଭାବେ ୧୪ବର୍ଷର ଅଭିଜ୍ଞତା ରହିଛି । ଅଧ୍ୟକ୍ଷ, ବିଭାଗୀୟ ମୁଖ୍ୟ, ବୋର୍ଡ଼ ଅଫ୍ ଷ୍ଟଡିଜର ଅଧ୍ୟକ୍ଷ, ଡିନ୍ ଅଫ ଫାକଲ୍ଟି, ଏକାଡ଼େମିକ କାଉନ୍‌ସିଲ୍‌ର ସଦସ୍ୟ ଏବଂ ସିନେଟ୍‌ର ସଦସ୍ୟ ଭାବରେ ପ୍ରଫେସର ସାହୁଙ୍କର ପ୍ରଶାସନିକ ଅଭିଜ୍ଞତା ରହିଛି । ପାଠ୍ୟଗତ ସଫଳତା ମଧ୍ୟରେ ଗୋଟିଏ ପୁସ୍ତକରେ ପ୍ରକାଶନ, ଗୋଟିଏ ପୁସ୍ତକର ସଂପାଦନା ମୁଖ୍ୟ ଏବଂ ଛଅଟି ସନ୍ଦର୍ଭର ସମୀକ୍ଷା କରିଛନ୍ତି ଏବଂ ୩୫ଟି ଜର୍ଣ୍ଣାଲ ଓ ପୁସ୍ତକରେ ସନ୍ଦର୍ଭ ପ୍ରକାଶନ ପାଇଁ ପ୍ରଫେସର ସାହୁଙ୍କର ଅବଦାନ ରହିଛି । ଏତଦ୍‌ବ୍ୟତୀତ ପ୍ରଫେସର ସାହୁଙ୍କ ଅଧିନରେ ୬ଜଣ ଗବେଷକ ସଫଳତାର ସହ ପି.ଏଚ୍.ଡି. ଡ଼ିଗ୍ରୀ ହାସଲ କରିଛନ୍ତି । ପ୍ରଫେସର ବଂଶୀଧର ମାଝୀ ଭିଏସଏସ୍‌ୟୁଟିରୁ କୁଳପତି ପଦବୀରୁ ଅବସର ଗ୍ରହଣ କରିବା ପରେ ଏହି ପଦବୀ ଖାଲି ପଡିଥିଲା । ତାଙ୍କ ସ୍ଥାନରେ ପ୍ରଫେସର ବିଭୂତି ଭୂଷଣ ପତି ଭାରପ୍ରାପ୍ତ କୁଳପତି ରୂପେ କାର୍ଯ୍ୟକରି ଆସୁଥିଲେ ।



# ଦେଶରେ ପ୍ରଥମ ଥର ପାଇଁ ବାପ ଛେଉଣ୍ଡ ଶିଶୁକନ୍ୟାଙ୍କ ଖର୍ଚ୍ଚ ବହନ କରିବ ଏମସିଏଲ୍

ଝାରସୁଗୁଡ଼ା : ଏମସିଏଲ୍ ଝାରସୁଗୁଡ଼ା ଜିଲ୍ଲାର ବାପ ଛେଉଣ୍ଡ ଶିଶୁକନ୍ୟାଙ୍କ ପାଠପଢ଼ା ଠାରୁ ବିବାହ ଯାଏ ସମସ୍ତ ଖର୍ଚ୍ଚ ବହନ କରିବାର ନିଷ୍ପତ୍ତି ନେଇଛି । ଭାରତ ବର୍ଷରେ ପ୍ରଥମ ଜିଲ୍ଲା ଭାବେ ଝାରସୁଗୁଡ଼ା ପାଇଁ ଏମସିଏଲ୍ ଏହି ଘୋଷଣା କରିଛି ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଝାରସୁଗୁଡ଼ା ସର୍କିଟ୍ ହାଉସ ଠାରେ ଜିଲ୍ଲା ପ୍ରଶାସନ, ଏମସିଏଲ୍, ଓପିଜିସି ସମେତ ସମସ୍ତ ଶିଳ୍ପ କମ୍ପାନିର ପଦସ୍ଥ ଅଧିକାରୀଙ୍କ ଉପସ୍ଥିତିରେ ଶିକ୍ଷା, ସିଏସ-ଆର ପାଣି ବିନିଯୋଗ, ଜଳସେଚନ ପ୍ରକଳ୍ପ ସ୍ଥିତି, ସଡ଼କ ଦୁର୍ଘଟଣା ରୋକିବା ନେଇ ବିସ୍ତୃତ ଆଲୋଚନା ହୋଇଛି । ସମସ୍ୟାଗୁଡିକର ସମାଧାନ ଲାଗି ନିଷ୍ପତ୍ତି ହୋଇଥିବା ମନ୍ତ୍ରୀ ଶ୍ରୀ ପୁଜାରୀ କହିଛନ୍ତି । ଛେଉଣ୍ଡ ଶିଶୁକନ୍ୟାଙ୍କ ଭବିଷ୍ୟତ ନିମନ୍ତେ ଏମସିଏଲ୍ ପକ୍ଷରୁ ନିଆଯାଇଥିବା ଏଭଳି ଐତିହାସିକ ନିଷ୍ପତ୍ତିକୁ ନେଇ ମନ୍ତ୍ରୀ ଖୁସିବ୍ୟକ୍ତ କରିଛନ୍ତି ।



# ସମ୍ବଲପୁରରୁ ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ଶୁଭାରମ୍ଭ





ସମ୍ବଲପୁର : ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ, ରେଳବାଇ ଏବଂ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ବରିଷ୍ଠ ନାଗରିକମାନେ ତୀର୍ଥଯାତ୍ରାରେ ଯାଇଥିବା ଟ୍ରେନକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଶୁଭାରମ୍ଭ କରିଛନ୍ତି । ସମ୍ବଲପୁରରୁ କୋଲକାତା-କାମାକ୍ଷାକୁ ଯାଇଥିବା ଏହି ଟ୍ରେନ୍‌ରେ ୭୭୫ ଜଣ ଯାତ୍ରୀ ଯାଇଛନ୍ତି ।

ସେଥିମଧ୍ୟରୁ ସମ୍ବଲପୁର ଜିଲ୍ଲାରୁ ୮୯, ସୁବର୍ଣ୍ଣପୁରରୁ ୫୨, ଦେବଗଡ଼ରୁ ୨୭, ଅନୁଗୁଳରୁ ୧୦୯, ଝାରସୁଗୁଡ଼ାରୁ ୫୦, ସୁନ୍ଦରଗଡ଼ରୁ ୧୮୦, ବଲାଙ୍ଗିରରୁ ୧୪୧, ବରଗଡ଼ରୁ ୧୨୭ ଜଣ ଯାତ୍ରୀ ସାମିଲ ଅଛନ୍ତି । ପ୍ରଥମେ କୋଲକାତାର ଦକ୍ଷୀଣେଶ୍ୱର କାଳୀ ମନ୍ଦିର, ଆସାମର କାମାକ୍ଷା ଦେବୀଙ୍କ ମନ୍ଦିର ଦର୍ଶନ କରିବେ । ଏମାନଙ୍କ ପାଇଁ ଖାଦ୍ୟପାନୀୟ ସୁବିଧା ସହ ରହିବାକୁ ଆଶ୍ରୟସ୍ଥଳୀ ବ୍ୟବସ୍ଥା ହୋଇଛି । ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଗୋଟିଏ ଡାକ୍ତରୀ ଟିମ୍ ସେମାନଙ୍କ ସହ ଗସ୍ତ କରିଛନ୍ତି । ଏହି ଟ୍ରେନ ଆସନ୍ତା ୧୨ ତାରିଖ ସମ୍ବଲପୁର ଫେରିବ ।

ଏହି ଅବସରରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସାଂସଦ ପ୍ରତିନିଧି ନାଉରୀ ନାଏକ, ପର୍ଯ୍ୟଟନ ବିଭାଗ ସଚିବ ବଲବନ୍ତ ସିଂହ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଡିଆରଏମ ତୁଷାର କାନ୍ତ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ ।



## ଏ ସଂଖ୍ୟାରେ..



ଫୁସଫୁସ୍ କର୍କଟ ଆଶଙ୍କା କମାଇବ ଦହି



କେତେ ଦରକାରୀ ପୋଦିନା ?



ଔଷଧରେ ଭରପୁର ଟମାଟୋ



ବହୁ ଉପକାରୀ ଅଦା



କୋଲେଷ୍ଟେରଲ କମାଇବ ଆଭୋକାଡୋ



ଅଁଳାର ଉପକାରିତା

## ସମ୍ବଲପୁର ପର୍ଯ୍ୟଟନ ହବ୍ ହେବ: ପ୍ରଭାତୀ ପରିଡ଼ା

ସମ୍ବଲପୁର : ସମ୍ବଲପୁରକୁ ଏକ ପର୍ଯ୍ୟଟନ ହବ୍‌ରେ ପରିଣତ କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି ।

ସେ କହିଛନ୍ତି ଯେ, ଡେବ୍ରିଗଡ଼, ହୀରାକୁଦ ଏବଂ ମହାନଦୀକୁ ନେଇ ହେବ ପର୍ଯ୍ୟଟନ କ୍ଷେତ୍ର । ଏଥିପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଯୋଜନା କରିଛନ୍ତି । କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି । ପର୍ଯ୍ୟଟନକୁ ଶିଳ୍ପରେ ପରିଣତ କରି ଏହାକୁ ଆପାର ସମ୍ଭାର ସୃଷ୍ଟି କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ବୁଢ଼ାରଜା ୱାଚ୍ ଟାୱାରକୁ ଆଉ ୫୩ ଲକ୍ଷ ଟଙ୍କା ଦିଆଯାଇଛି । ରେଢ଼ାଖୋଲ ଉପଖଣ୍ଡ ନାକଟିଦେଉଳ ଭୀମମଣ୍ଡଳି ଓ ଯୁଯୁମରା ଦେବଝରଣ ଜଳ ପ୍ରପାତକୁ ମାନ୍ୟତାପ୍ରାପ୍ତ ପର୍ଯ୍ୟଟନ କ୍ଷେତ୍ର ପାଇଁ ଚୟନ କରାଯାଇଛି ।

ସମ୍ବଲପୁର ଜିଲ୍ଲାରେ ଥିବା ପର୍ଯ୍ୟଟନ ସମ୍ଭାରକୁ ନେଇ ରାଜ୍ୟ ସରକାର ମାଷ୍ଟରପ୍ଲାନ ପ୍ରସ୍ତୁତ କରୁଛନ୍ତି । ସାବରମତି ରିଭର୍ ଫ୍ରଣ୍ଟ୍ ଭ୍ୟୁ ଭଳି ହୀରାକୁଦରେ ମଧ ରିଭର୍ ଫ୍ରଣ୍ଟ ର ନିର୍ମାଣ ପାଇଁ ରାଜ୍ୟ ସରକାର ପ୍ରାୟ ଶହେ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି । ସେହିଭଳି ଡେବ୍ରିଗଡ ଅଭୟାରଣ୍ୟ, ସମ୍ବଲପୁର ଏବଂ ବୁର୍ଲା ସହରକୁ ନେଇ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯିବ । ଦୀର୍ଘ ଦିନ ଧରି ପଡ଼ିରହିଥିବା ବୁଢାରଜା ୱାଚ୍ ଟାୱାରକୁ ନେଇ ରାଜ୍ୟ ସରକାର ଯତ୍ନବାନ ଅଛନ୍ତି । ଏଥିପାଇଁ ପୁଣି ଥରେ ୫୩ ଲକ୍ଷ ଟଙ୍କାର ଅର୍ଥ ଅନୁମୋଦନ କରାଯାଇଛି । ପୂର୍ବରୁ ପ୍ରାୟ ୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଖୋଲାଯାଇନି । ହେଲେ ଏହାର ବିକାଶ କରିବାକୁ ଉନ୍ନତିକରଣ ପାଇଁ ଏହି ଟଙ୍କା ବ୍ୟୟ ମଞ୍ଜୁର କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି ।

## ପି.କେ.ଏସ୍.ଏସ୍ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକୋତ୍ସବ




ଝାରସୁଗୁଡା : ସ୍ଥାନୀୟ ହଂ. କଟାପାଲି ସ୍ଥିତ ପ୍ରଦୋଷ କୁମାର ସ୍ମୃତି ସ୍ମାରକୀ ଉଚ୍ଚ ମାଧମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଶିକ୍ଷାନୁଷ୍ଠାନର ଅଧକ୍ଷ ବୃନ୍ଦାବନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଝାରସୁଗୁଡାର ପୂର୍ବତନ ଜିଲ୍ଲା ଶିକ୍ଷା ପରାମର୍ଶଦାତା ପ୍ରଫେସର ଟହଲୁ ସାହୁ ମୁଖ୍ୟ ଅତିଥି ଓ ଅନୁଷ୍ଠାନର ପୂର୍ବତନ ଅଧକ୍ଷ ଶ୍ରୀ ସନ୍ତୋଷ କୁମାର ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅଧକ୍ଷ ବୃନ୍ଦାବନ ମେହେର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିବା ବେଳେ ବରିଷ୍ଠ ଅଧାପିକା ମନ୍ଦାକିନୀ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାରେ ସଫଳତା ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ବିଗତ ବାର୍ଷିକ ପରୀକ୍ଷାରେ ଶିକ୍ଷାନୁଷ୍ଠାନର ଟପର ଛାତ୍ରୀ ଜୁହି କାଲୋ ଓ ଚଳିତ ଶିକ୍ଷାବର୍ଷରେ ବିଭିନ୍ନ ବିଭାଗରେ ଉତ୍କୃଷ୍ଟ ଅବଦାନ ପାଇଁ ଛାତ୍ରୀ ଅବଙ୍କିତା ରଜକଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା । ପୁରସ୍କାର ପ୍ରଦାନ ଉତ୍ସବକୁ ଅଧାପକ କେ. ଏସ୍ ମହାପାତ୍ର ପରିଚାଳନା କରିଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧାପିକା କିରଣ ମହାପାତ୍ର ପରିଚାଳନା କରିଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ଷୁଦ୍ରନାଟିକା ପରିବେଷଣ ହୋଇଥିଲା । ଅଧାପକ କେ.ଏସ୍. ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ତ୍ରିନାଥ ମନ୍ଦିର ସ୍ମୃତିରେ କଲୋନୀର ତ୍ରିନାଥ ନଗର ନାମରେ ନାମିତ

ଝାରସୁଗୁଡ଼ା : ଝାରସୁଗୁଡା ସହର ସ୍ଥିତ ବମ୍ବେ ଛକ ନିକଟରେ ଥିବା ଏକ କଲୋନୀର ନାମ ତ୍ରିନାଥ ନଗର ନାମ ରେ ନାମିତ ହୋଇଛି । ବମ୍ବେ ଛକର ପ୍ରଶସ୍ତିକରଣ ପୂର୍ବରୁ ପୂଜା ପାଉଥିବା ତ୍ରିନାଥ ଭଗବାନଙ୍କ ମନ୍ଦିରର ବିଲୁପ୍ତପରେ ଠାକୁରଙ୍କ ସ୍ମୃତିକୁ ବଜାୟ ରଖିବା ପାଇଁ ପାଖାପାଖି ୫୦ଟି ପରିବାର ଏବଂ ୨୦୦ ରୁ ଅଧିକ ଲୋକ ରହୁଥିବା ନିକଟ ସାହିର ସ୍ଥାୟୀ ବସ୍ତି ବାସିନ୍ଦା ଏକତ୍ରିତ ହୋଇ ପଡ଼ାର ସର୍ବାଙ୍ଗୀନ ଉନ୍ନତି, ଯଥା ପରିବେଶ, ରାସ୍ତା ପାଣି, ବୃକ୍ଷ ରୋପଣ ଇତ୍ୟାଦି ବିଷୟରେ ଆଲୋଚନା କରି ତ୍ରିନାଥ ନଗର ନାମରେ କଲୋନି ର ନାମ କରଣ ସର୍ବସମ୍ମତିକ୍ରମେ ନାମିତ କରିଅଛନ୍ତି ।

## ଝାରସୁଗୁଡ଼ା ଜିଲ୍ଲାରେ ଇନ୍ସପେକ୍ଟର ସ୍ତରରେ ଅଦଳବଦ

ଝାରସୁଗୁଡ଼ା : ଝାରସୁଗୁଡ଼ା ଜିଲ୍ଲା ପୋଲିସ ପକ୍ଷରୁ ଇନ୍ସପେକ୍ଟର ସ୍ତରରେ ଏକ ଛୋଟ ଧରଣ ର ଅଦଳ ବଦଳ କରା ଯାଇଛି । ଲଖନପୁର ଥାନା ରେ କାର୍ଯ୍ୟରତ ଥାନା ଅଧିକାରୀ ବିନୋଦ କେ ରାଓଙ୍କୁ ବ୍ରଜରାଜନଗର ଥାନା ଅଧିକାରୀ ଭାବେ ବଦଳି କରା ଯାଇଥିବା ବେଳେ ବ୍ରଜରାଜନଗର ଥାନା ଅଧିକାରୀ ଭାବେ କାର୍ଯ୍ୟରତ ଧବଳେଶ୍ୱର ସାହୁଙ୍କୁ ଝାରସୁଗୁଡ଼ା ସଦର ଥାନା ଓ ସଦର ଥାନା ଅଧିକାରୀ ସ୍ୱପ୍ନାରାଣୀ ଗୋଛାୟତ ଙ୍କୁ ଲଖନପୁର ଥାନା ଅଧିକାରୀ ଭାବେ ବଦଳି କରାଯାଇଛି ।କୋଲାବିରା ଥାନା ଅଧିକାରୀ ପଦ ଦୁଇ ମାସ ହେବ ଖାଲି ପଡି ଥିଲେ ମଧ କାହାରିକୁ ନିଯୁକ୍ତି ଦିଆ ଯାଇ ନାହିଁ । ନିକଟରେ ଛତିଶଗଡ଼ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ହେବାକୁ ଥିବା ବେଳେ ସମ୍ବେଦନଶୀଳ ରେଙ୍ଗାଲି ଥାନା ଅଧିକାରୀ ପଦ ଖାଲି ପଡି ଥିଲେ ମଧ ତାହା ପୁରଣ କରା ଯାଇ ନ ଥିବା ଜଣା ପଡିଛି ।

## ତୁଳସୀ ଦାସ ଓ ରୈଦାସ

**ଚ**ତୁରାଇ ଚୁହ୍ଲେ ପଡେ, ମତ
ପଡେ ଆଚାର । ତୁଳସୀ ହରି କେ
ଭଜନ ବିନା, ଚାରୋ ବର୍ଣ୍ଣ ଚମାର ।

ଭକ୍ତର ହୃଦୟ ଭକ୍ତ ପ୍ରତି ସ୍ୱାଭାବିକ ରୂପରେ ଆକର୍ଷିତ ହୁଏ ଏବଂ ଦୁର୍ଜନ ମନୁଷ୍ୟର ମନ ଦୁର୍ଜନ ପ୍ରତି ଆକର୍ଷିତ ହୁଏ ।

ଭକ୍ତ ରୈଦାସଙ୍କ ଖ୍ୟାତି ତାଙ୍କ ସମକାଳୀନ ମହାନ ଭକ୍ତ ଗୋସ୍ୱାମୀ ଶ୍ରୀ ତୁଳସୀ ଦାସଙ୍କ କାନରେ ପଡିଲା ତ ତାଙ୍କ ମନରେ ରୈଦାସଙ୍କ ସହିତ ମିଳନର ଉତ୍କଣ୍ଠା ଜାତ ହେଲା । ଭକ୍ତ ରୈଦାସ ଜାତିରେ ଚମାର ଥିଲେ ଓ ନିଜ ଜାତିର ବ୍ୟବସାୟ କରି ସେ ପ୍ରଭୁ ଭଜନରେ ତଲ୍ଲୀନ ରହୁଥିଲେ ବୋଲି ସେ ଜାଣି ନଥିଲେ ।

ସେ ନିଜର ଶିଷ୍ୟବୃନ୍ଦଙ୍କୁ ସଙ୍ଗରେ ଧରି ଭକ୍ତ ରୈଦାସଙ୍କ ସହିତ ମିଶିବା ପାଇଁ ଚାଲିଲେ ।

ଭକ୍ତ ରୈଦାସଙ୍କ ଗାଁରେ ପହଞ୍ଚି ତୁଳସୀଦାସ ତାଙ୍କର ଏକ ବ୍ରାହ୍ମଣ ଭକ୍ତଙ୍କୁ ଡାକି ପଚାରିଲେ ; ଏଠାରେ ରୈଦାସ ନାମକ ପରମ ଭକ୍ତ କେଉଁଠାରେ ରହୁଛନ୍ତି ?

ବ୍ରାହ୍ମଣ ହାତ ଯୋଡି କହିଲେ : 'ମହାରାଜ । ଏଠାରେ ରୈଦାସ ନାମକ କେହି ସନ୍ଥ ମହାତ୍ମା ବା ବ୍ରାହ୍ମଣ ଭକ୍ତ ରହନ୍ତି ନାହିଁ । ହଁ, ରୈଦାସ ନାମକ ଏକ ଶୁଦ୍ର (ଚମାର) ବାସ କରନ୍ତି । ସେ ଶାଳଗ୍ରାମ ପୂଜା କରନ୍ତି । ଆଖପାଖର ଲୋକେ ମଧ ତାଙ୍କୁ ଜାଣନ୍ତି କିନ୍ତୁ ଆପଣଙ୍କ ପରି ମହାତ୍ମାଙ୍କର ସେଠାକୁ ଯିବା ଉଚିତ ନୁହେଁ । ସେ ଚମାର, ଯେତେ ଶୁଦ୍ଧ ହେଲେ ମଧ ଆପଣଙ୍କ ପରି ସନ୍ଥ ମହାତ୍ମାଙ୍କର ସମକକ୍ଷ ନୁହନ୍ତି ।

ଭକ୍ତପ୍ରବର ରୈଦାସ ଚମାର ଜାତିର ବୋଲି ଜାଣିବା ପରେ ତୁଳସୀ ଦାସଙ୍କ ମନରେ ସଂକୋଚ ହେଲା । ଏତେ ଦୂର ପର୍ଯ୍ୟନ୍ତ ତାଙ୍କ ସହିତ ମିଶିବା ପାଇଁ ତ ଆସିଛନ୍ତି, ଏବେ ନ ମିଶି କେମିତି ଫେରିଯିବେ ? ଗୋସ୍ୱାମୀଜୀ ଅନ୍ୟ ସବୁ ଶିଷ୍ୟଙ୍କୁ ସେଠାରେ ଛାଡି ଜଣେ ଅଳ୍ପବୁଦ୍ଧି ଶିଷ୍ୟ ହରିଦାସକୁ ସଙ୍ଗରେ ନେଇ ରୈଦାସଙ୍କ କୁଟୀର ଦିଗରେ ଚାଲିଲେ । କାଳେ ଚତୁର ଶିଷ୍ୟକୁ ନେଲେ କିଛି ଗଡବଡ଼ କରିବ । ବୁଦ୍ଧୁ ଶିଷ୍ୟ କିଛି କହିବ ନାହିଁ, କହିଲେ ମଧ ତା କଥା ପ୍ରତି କେହି ଧାନ ଦେବେ ନାହିଁ ।

ସଂଯୋଗ ଏମିତି ହେଲା ଯେ ଯେତେବେଳେ ସେ ତାଙ୍କ କୁଟୀର ନିକଟରେ ପହଞ୍ଚିଲେ, ରୈଦାସ ନିଜ ଅଗଣାରେ ମୃତ ବଳଦ ଶରୀରରୁ ଚମଡା ବାହାର କରୁଥିଲେ । ପରମାତ୍ମାଙ୍କ ଠାରେ ଚିତ୍ତ ନିବେଶ କରି, ରାଗ ଦ୍ୱେଷ ରହିତ ହୋଇ ସେ ନିଜର କୁଳ ଧର୍ମ, ସ୍ୱାଭାବିକ କର୍ତ୍ତବ୍ୟ କର୍ମ ସଂପାଦନ କରୁଥିଲେ । ହାତରେ କାମ ଓ ମୁଖରେ ରାମ । ତାଙ୍କ ହାତ ବଳଦର ରକ୍ତରେ ଓ ହୃଦୟ ପ୍ରଭୁଙ୍କ ଭକ୍ତିରେ ରଂଜିତ ହୋଇଥିଲା ।

ଗୋସ୍ୱାମୀଜୀଙ୍କୁ ଦୂରରୁ ଦେଖି ରୈଦାସ ଚିହ୍ନିଗଲେ । ରୈଦାସଙ୍କ ହୃଦୟରେ ତାଙ୍କ ପାଇଁ ବହୁତ ଆଦର ଭାବ ଥିଲା । ଆଜି ହଠାତ ତାଙ୍କୁ ନିଜ ଘର ଅଗଣାରେ ଦେଖି ରୈଦାସଙ୍କ ହୃଦୟରେ ପ୍ରେମ ଉଛୁଳି ଉଠିଲା । ପ୍ରେମବଶ ହୋଇ ସେ କଣ କରୁଛନ୍ତି, କିଛି ନ ଭାବି ଛୁରୀଟିକୁ ତଳେ ଫିଙ୍ଗିଦେଇ ସେହିପରି ରକ୍ତରଂଜିତ ହସ୍ତରେ ଦୌଡ଼ିଯାଇ ଗୋସ୍ୱାମୀଜୀଙ୍କୁ ଆଲିଙ୍ଗନ କରିବାକୁ ଆଗେଇଗଲେ କିନ୍ତୁ ଗୋସ୍ୱାମୀ ଦୁଇ ଚାରି ପାଦ ପଛକୁ ଘୁଞ୍ଚିଗଲେ । ତେଣୁ ରୈଦାସ ତାଙ୍କ ଚରଣରେ ପ୍ରଣାମ କଲେ । ସେ ତୁଳସୀଦାସଙ୍କ ସଂକୋଚ ବୁଝିପାରିଲେ ଓ ଏହିପରି ସ୍ଥିତି ନିମନ୍ତେ ମନରେ ଟିକେ ଗ୍ଳାନି ମଧ ହେଲା । କିନ୍ତୁ ବର୍ତ୍ତମାନ କଣ କରାଯାଇ ପାରିବ ? ଯାହା ହେବାର ଥିଲା, ହୋଇଗଲା. ଦୁଇଜଣ କିଛି ସମୟ ମୌନ ରହିଲେ । ପରେ ଦୁଇଜଣ ଯାକ ଭିତରେ ଭିତରେ ଏହି ଘଟଣାର ସମାଧାନ କରିନେଲେ । ଚିତ୍ତବୃତ୍ତିର ସଂକୋଚକୁ ନେଇ ଗୋସ୍ୱାମୀଜୀଙ୍କ ଚିତ୍ତ ଟିକେ ଅପ୍ରସନ୍ନ ହେଲା ତଥାପି ଯଥାଯୋଗ୍ୟ ବାର୍ତ୍ତାଳାପ କରି ରୈଦାସଙ୍କ ଠାରୁ ବିଦାୟ ମାଗିଲେ । ଦଣ୍ଡବତ ପ୍ରଣାମ କରି ରୈଦାସ କ୍ଷମା ମାଗିଲେ ଓ ଗୋସ୍ୱାମୀଜୀଙ୍କୁ ବିଦାୟ ଦେଲେ । ନିଜ ଶିଷ୍ୟଙ୍କୁ ସଙ୍ଗରେ ନେଇ ତୁଳସୀଦାସ ଫେରିଆସିଲେ ।

ରୈଦାସ ବଳଦର ରକ୍ତରଞ୍ଜିତ ହସ୍ତରେ ଯେତେବେଳେ ଆଲିଙ୍ଗନ କରିବାକୁ ଆଗେଇ ଆସିଥିଲେ, ସେତେବେଳେ ତୁଳସୀଦାସ ସଂକୋଚ କରି ଦୁଇ ଚାରି ପାଦ ପଛକୁ ଘୁଞ୍ଚି ଯାଇଥିଲେ ତଥାପି କିଛି ରକ୍ତ ବିନ୍ଦୁ ତାଙ୍କ ବସ୍ତ୍ରରେ ପଡିଯାଇଥିଲା । ରାସ୍ତାରେ ପୋଖରୀ ନିକଟରେ ପହଞ୍ଚି ସେ ସ୍ନାନ କଲେ ଓ ବସ୍ତ୍ର ବଦଳାଇ ନେଲେ । ସେହି ବସ୍ତ୍ରରେ ଲାଗିଥିବା ରକ୍ତଦାଗ ଧୋଇବା ପାଇଁ ସେହି ମନ୍ଦ ବୁଦ୍ଧି ଶିଷ୍ୟ ହରିଦାସକୁ ଦେଇ ଦେଲେ ଓ ଏହି ଘଟଣାକୁ ଗୁପ୍ତ ରଖିବା ପାଇଁ ତାକୁ ଆଜ୍ଞା ଦେଇ ନିଜ ନିବାସକୁ ଫେରିଗଲେ ।

ହରିଦାସ ସେହି ବସ୍ତ୍ରରୁ ରକ୍ତଦାଗ ଛଡାଇବା ପାଇଁ ଅନେକ ଚେଷ୍ଟା କଲେ କିନ୍ତୁ ଦାଗ ଛାଡିଲା ନାହିଁ । ସେ ବ୍ୟସ୍ତ ହୋଇପଡିଲେ । ଗୁରୁଦେବଙ୍କ ଆଜ୍ଞା ଓ ସେବା ପ୍ରତି ସମର୍ପିତ ହରିଦାସ ଚିନ୍ତାରେ ପଡିଗଲେ । ଏବେ କଣ କରିବେ ? କାର୍ଯ୍ୟ ପୁରା ନ କରି ଗୁରୁଦେବଙ୍କ ସାମନାକୁ ଯିବେ କିପରି ?

ସନ୍ଥ, ମହାତ୍ମା, ସଦଗୁରୁଙ୍କ ସେବା ବଡ଼ ଭାଗ୍ୟରେ ମିଳେ । ଅଭାଗା ବ୍ୟକ୍ତିକୁ ତ ସନ୍ଥ ସେବା ମିଳେନାହିଁ କି ତାକୁ ସନ୍ଥ ଦର୍ଶନରେ ରୁଚି ହୁଏ ନାହିଁ । କେହି ଜଣେ ପୁଣ୍ୟାତ୍ମା କି ଦୁରାତ୍ମା, ପରୀକ୍ଷା କରିବାକୁ ହେଲେ ତାକୁ କୌଣସି ସନ୍ଥ ମହାପୁରୁଷଙ୍କ ନିକଟକୁ ନେବାକୁ ଚେଷ୍ଟା କର । ଯଦି ସେ ଯାଏ, ତେବେ ତୁମେ ତାକୁ ଯେତିକି ପାପୀ ବୋଲି ଭାବୁଥିଲ, ସେ ସେତିକି ପାପୀ ନୁହେଁ । ଯଦି ସେ ନ ଯାଏ, ତେବେ ତୁମେ ତାକୁ ଯେତିକି ଧର୍ମାତ୍ମା ବୋଲି ଭାବୁଥିଲ, ସେ ସେତିକି ଧର୍ମାତ୍ମା ନୁହେଁ । ଶାସ୍ତ୍ର କହେ ଯେ ସାତ ଜନ୍ମର ପୁଣ୍ୟ ଯେବେ ପ୍ରବଳ ହୁଏ, ତେବେ ସନ୍ଥ ଦର୍ଶନର ଇଚ୍ଛା ହୁଏ । ପୁଣି ଅନେକ ପୁଣ୍ୟ ବଳରେ ସନ୍ଥ ଦର୍ଶନ ଓ ସେବାର ସୁଯୋଗ ମିଳେ ଅନ୍ୟଥା ଇଚ୍ଛା ପୂରଣ ହେଉ ହେଉ ସମୟ ପୁରା ହୋଇଯାଏ ।

ବୁଦ୍ଧ ଯେତେବେଳେ ମହାନିର୍ବାଣକୁ ଯାଉଥିଲେ, କେହି ଜଣେ ଅଭାଗା ବ୍ୟକ୍ତି ଦୌଡ଼ି ଦୌଡ଼ି ଆସିଲା ଓ କହିଲା, ଗତ ଚାଳିଶି ବର୍ଷ ଧରି ମୁଁ ଭଗବାନ ବୁଦ୍ଧଙ୍କ ଖ୍ୟାତି ଶୁଣିଆସୁଛି । କିନ୍ତୁ ଆଜି ଯିବି, କାଲି ଯିବି.... ଏହିପରି କହି କହି ସମୟ ବିତିଗଲା । ପୁଣି ତାଙ୍କ ବିଷୟରେ କିଛି ଅପବାଦ ଶୁଣିବାରୁ ତାଙ୍କ ନିକଟକୁ ଆସିବାପାଇଁ ମନ ବଳାଇଲି ନାହିଁ । କେବେ ଭାବୁଥିଲି, ଦର୍ଶନ କରିବାକୁ ଯିବି । ପୁଣି ଭାବୁଥିଲି ଯିବି ନାହିଁ । ଏହିପରି ଅସମଞ୍ଜସରେ ରହି ଚାଳିଶି ବର୍ଷ ବିତିଗଲା । କିନ୍ତୁ ବର୍ତ୍ତମାନ ମୁଁ ମନ ଜୋର କରି ଆସିଛି, ତାଙ୍କୁ ଦର୍ଶନ କରିବି ।

ବୁଦ୍ଧଙ୍କ ବିଶେଷ ଶିଷ୍ୟ ଆନନ୍ଦ କହିଲେ, 'ତୁମେ ବହୁତ ଡେରି କରିଦେଲ । ଏବେ ସମୟ ପୁରା ହୋଇଗଲା । ଭଗବାନ ବୁଦ୍ଧ ଏବେ ମହାନିର୍ବାଣକୁ ଯାଉଛନ୍ତି । ଆଉ ଦର୍ଶନ ହୋଇପାରିବ ନାହିଁ ।'

ସାତ ଜନ୍ମର ପୁଣ୍ୟ ବଳରେ ସନ୍ଥ ଦର୍ଶନର ଇଚ୍ଛା ହୁଏ କିନ୍ତୁ ଜୀବ ଦର୍ଶନ କରିପାରେ ନାହିଁ । ପୁଣି ଆଉ ସାତ ଜନ୍ମର ପୁଣ୍ୟ, ସତ୍ କୃତ୍ୟର ଜୋର ହେଲେ ଦର୍ଶନ ଦ୍ୱାର ନିକଟରେ ପହଂଚିବ କିନ୍ତୁ ଦର୍ଶନ କରିପାରିବ ନାହିଁ । ତୃତୀୟ ସାତ ଜନ୍ମର ପୁଣ୍ୟ ଯେତେବେଳେ ପ୍ରବଳ ହେବ, ସେତେବେଳେ ସନ୍ଥଙ୍କର ସାନ୍ନିଧ ଓ ତାଙ୍କର ଅମୃତ ବଚନ ଶୁଣିବାକୁ ମିଳେ ।

ତେଣୁ ଶିଷ୍ୟ ହରିଦାସ ବିକଳ ହୋଇ ଶ୍ରୀହରିଙ୍କୁ ପ୍ରାର୍ଥନା କରିବାକୁ ଲାଗିଲେ, 'ହେ ପ୍ରଭୋ ! ଗୁରୁଦେବଙ୍କ ସେବା କରିବାକୁ ସଦଭାଗ୍ୟ ମିଳିଲା କିନ୍ତୁ ମୁଁ ସେବା କରିପାରୁନାହିଁ । ଗୁରୁଦେବ ବତାଇଥିବା ଏହି ଛୋଟିଆ କାର୍ଯ୍ୟଟିକୁ ମଧ ପୁରା କରିପାରୁନାହିଁ । କଣ କରିବି ଯେ ଏହି ଲାଲ ଦାଗ ଦୂର ହେବ ? ହେ ନାଥ । ତୁମେ ହିଁ ରାସ୍ତା ଦେଖାଅ । ଶିଷ୍ୟର ଆଖି ଲୁହରେ ଭରିଗଲା । ଗଳା ରୁଦ୍ଧ ହୋଇଗଲା । ଆକୁଳ ପ୍ରାର୍ଥନା କାମ କଲା । ତାକୁ ଏକ ଉପାୟ ଦେଖାଗଲା । ସେ ଭାବିଲେ ବସ୍ତ୍ରର ଦାଗକୁ ପାଟିରେ ଚୁଚୁମିଲେ କାଳେ ଦାଗ ଦୂର ହୋଇଯିବ ।

ଆଜ୍ଞାପାଳନ ଓ ସେବାରେ ମଗ୍ନ ହୋଇ ଶୁଦ୍ଧି ଅଶୁଦ୍ଧିର ବିଚାର ନ କରି ହରିଦାସ ବସ୍ତ୍ରରେ ଲାଗିଥିବା ରକ୍ତଦାଗକୁ ପାଟିରେ ପୁରାଇ ଚୁଚୁମିବାକୁ ଲାଗିଲେ । ଫଳସ୍ୱରୂପ ବାହାରର ରକ୍ତ ଦାଗ ତ ଛାଡିଗଲା, ତା ସହିତ ଅନ୍ତଃକରଣର ମଇଳା ମଧ ସଫା ହେବାକୁ ଲାଗିଲା । ହୃଦୟରେ ତ୍ରିକାଳଜ୍ଞାନର ପ୍ରକାଶ ହୋଇଗଲା । ଅନୁପମଦିବ୍ୟ ଦୃଷ୍ଟି ଖୋଲିଗଲା । ସେ ବସ୍ତ୍ରକୁ ଶୁଦ୍ଧ ଜଳରେ ଧୋଇ ଶୁଖାଇଦେଲେ ଓ ଗୁରୁଜୀଙ୍କୁ ଦେବା ନିମନ୍ତେ ଗଲେ ।

ସନ୍ଧ୍ୟା ସମୟ । ହଜାର ଭକ୍ତଙ୍କ ମଧରେ ଗୋସ୍ୱାମୀ ଶ୍ରୀ ତୁଳସୀଦାସ ରାମାୟଣ କଥା ଶୁଣାଉଥିଲେ । ପ୍ରତିଦିନ ଆୟୋଜିତ ହେଉଥିବା ଏହି ସତସଙ୍ଗ, କଥା ପ୍ରବଚନରେ ଦୂର ଦୁରାନ୍ତରରୁ ଲୋକେ ଆସୁଥିଲେ ଓ ଭକ୍ତ କବି ସନ୍ଥ ଶ୍ରୀଙ୍କର କଥା ଶୁଣୁଥିଲେ ।

**ଅବଶିଷ୍ଟାଂଶ ୩ୟ ପୃଷ୍ଠାରେ**

# ତୀର୍ଥରାଜ ପ୍ରୟାଗରେ ମହାକୁମ୍ଭର ଅମୃତ ସ୍ନାନ



ଡ଼ଃ ପ୍ରମୋଦ କୁମାର ପଣ୍ଡା

ପୌରାଣିକ କିମ୍ବଦନ୍ତୀ ଅନୁସାରେ କ୍ଷୀର ସାଗର ମନ୍ଥନରୁ ଉତ୍ପନ୍ନ ଅମୃତ ଅପହରଣ କରି ଦେବରାଜ ପୁତ୍ର ଜୟନ୍ତ ସ୍ୱର୍ଗଲୋକକୁ ନେବାବେଳେ କିଛି ଟୋପା ହରିଦ୍ୱାର, ପ୍ରୟାଗ, ନାସିକ ଓ ଉଜ୍ଜୈନରେ ଭୂ ପତିତ ହୋଇଥିଲା । ଦେବ ଦୁର୍ଲଭ ଅମୃତ ପରଶରେ ଏହି ଚାରି କ୍ଷେତ୍ର ପୁଣ୍ୟ ଭୂମି ବୋଲାଇଲା । ତୀର୍ଥ କ୍ଷେତ୍ର ଭାବେ ଖ୍ୟାତ ହେଲା । ଅମୃତ ପାନ କରି ମୃତ୍ୟୁବିଜୟୀ ହେବା ଆଶାରେ ଦେବତା ଓ ଦାନବଙ୍କ ମଧରେ ବାର ଦିନ ପର୍ଯ୍ୟନ୍ତ ଭୀଷଣ ଯୁଦ୍ଧ ଲାଗିଲା । ସ୍ୱର୍ଗଲୋକର ବାର ଦିନ ମର୍ତ୍ତ୍ୟଲୋକର ବାର ବର୍ଷ ସହିତ ସମାନ ବୋଲି କୁହାଯାଏ । ତେଣୁ ପ୍ରତି ବାର ବର୍ଷ ଅନ୍ତରରେ ହରିଦ୍ୱାରର ଗଙ୍ଗା କୂଳରେ, ପ୍ରୟାଗର ଗଙ୍ଗା, ଯମୁନା ଓ ସରସ୍ୱତୀର ସଙ୍ଗମ ସ୍ଥଳରେ, ନାସିକର ଗୋଦାବରୀ ତଟରେ ଏବଂ ଉଜ୍ଜୈନର ସିପ୍ରା କୂଳରେ ପୂର୍ଣ୍ଣ କୁମ୍ଭ ଆୟୋଜନ କରାଯାଇଥାଏ ।

କୁମ୍ଭ ମେଳା ଆୟୋଜନରେ ଆଦି ଶଙ୍କରାଚାର୍ଯ୍ୟଙ୍କ ବିଶେଷ ଭୂମିକା ରହିଛି । ଅଷ୍ଟମ-ନବମ ଶତାବ୍ଦୀରେ ସନାତନ ହିନ୍ଦୁଧର୍ମର ବିଭିନ୍ନ ସମ୍ପ୍ରଦାୟ ମଧରେ ମିତ୍ରତା ନଥିଲା । ପାରସ୍ପରିକ ବୈରତା ଯୋଗୁଁ ଦେଶ ଦୁର୍ବଳ ହେବା ସହିତ ହିନ୍ଦୁଧର୍ମର ଅବକ୍ଷୟ ଘଟୁଥିଲା । ଗଣେଶ, ବିଷ୍ଣୁ, ଶିବ, ଅମ୍ବିକା ଓ ସୂର୍ଯ୍ୟ ଉପାସକଙ୍କୁ ଏକତ୍ରିତ କରିବା ପାଇଁ ସେ ଯେପରି ପଞ୍ଚଦେବତା ଉପାସନାର ପ୍ରଚଳନ କରିଥିଲେ ଠିକ ସେଭଳି ଦଶନାମୀ ସମ୍ପ୍ରଦାୟର ଲୋକଙ୍କୁ ଏକତ୍ରିତ କରିବାର ଏକମାତ୍ର ଉଦ୍ଦେଶ୍ୟରେ କୁମ୍ଭ ମେଳାର ବ୍ୟାପକ ଆୟୋଜନ କରାଇଥିଲେ । ତୀର୍ଥ, ଆଶ୍ରମ, ବନ, ଅରଣ୍ୟ, ଗିରି, ପର୍ବତ, ସାଗର, ସରସ୍ୱତୀ, ଭାରତୀ ଏବଂ ପୁରୀ ଏସବୁ ଦଶନାମୀ ସମ୍ପ୍ରଦାୟ । ନାଗା ସାଧୂ ଏହି ସମ୍ପ୍ରଦାୟର ଏକ ଉପ ସମ୍ପ୍ରଦାୟ । ନଗ ଶବ୍ଦରୁ ନାଗା ଶବ୍ଦର ସୃଷ୍ଟି । ନଗ ମାନେ ପର୍ବତ । ଯେଉଁ ସାଧୂସନ୍ଥ ନଗ୍ନ କିମ୍ବା ନିର୍ବସ୍ତ୍ରାବସ୍ଥାରେ ପର୍ବତରେ ରୁହନ୍ତି ସେମାନଙ୍କୁ ନାଗା ସାଧୂ କୁହାଯାଏ । ସେମାନେ ଯେଉଁ ସ୍ଥାନରେ ଥିଲେ ମଧ ଚାରି ତୀର୍ଥ କ୍ଷେତ୍ରରେ ଆୟୋଜିତ କୁମ୍ଭ ମେଳାରେ ସାମିଲ ହେବା ନିଶ୍ଚିତ ।

ପ୍ରତ୍ୟେକ ଛଅ ବର୍ଷ ଅନ୍ତରାଳରେ ଅର୍ଦ୍ଧ କୁମ୍ଭ ପଡେ । ବାର ବର୍ଷ ପୂର୍ଣ୍ଣ ହେଲେ ପୂର୍ଣ୍ଣ କୁମ୍ଭ ଆସେ । ବାରଟି ପୂର୍ଣ୍ଣ କୁମ୍ଭ ପରେ ଥରଟିଏ ମହା ପୂର୍ଣ୍ଣ କୁମ୍ଭ ପଡେ । ଚଳିତ ବର୍ଷ ପ୍ରୟାଗରାଜରେ ପାଳିତ ହେଉଥିବା କୁମ୍ଭ ମେଳା ଅତ୍ୟନ୍ତ ବିରଳ । ଦୀର୍ଘ ୧୪୪ ବର୍ଷ ଅନ୍ତରାଳରେ ପଡ଼ିଥିବା କାରଣରୁ ଏହା ସ୍ୱତନ୍ତ୍ର । ଅସାଧାରଣ । ଦୁର୍ଲ୍ଲଭ । ଅର୍ଦ୍ଧ କୁମ୍ଭ ଓ ପୂର୍ଣ୍ଣ କୁମ୍ଭ ତୁଳନାରେ ଏହାର ମହତ୍ତ୍ୱ ଯଥେଷ୍ଟ ଅଧିକ । ମହାକୁମ୍ଭ ୨୦୨୫ ତେର ଜାନୁଆରୀ ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇଛି । ଏହା ଚୌରାଳିଶ ଦିନ ପର୍ଯ୍ୟନ୍ତ ଚାଲିବ । ଫେବୃଆରୀ ମାସ ଛବିଶ ତାରିଖ ମହାଶିବରାତ୍ରୀ ଦିନ ସମାପ୍ତ ହେବ । ପୁରଶ୍ଚରଣ ପଡ଼ିବ ।

ଶାହୀ ସ୍ନାନ କୁମ୍ଭ ମେଳାର ସର୍ବଶ୍ରେଷ୍ଠ ପବିତ୍ର ଆୟୋଜନ । ଏହାକୁ ରାଜଯୋଗ ସ୍ନାନ, ଅମୃତ ଜଳ ସ୍ନାନ କିମ୍ବା ଅମୃତ ସ୍ନାନ ମଧ କୁହାଯାଏ । ରାଜାମହାରାଜାଙ୍କ ଅନ୍ଦାଜରେ ରଥ, ଘୋଡା, ହାତୀ ଆଦିରେ ସବାର ହୋଇ ଶୋଭାଯାତ୍ରା ସହିତ ସାଧୂ ସନ୍ଥ ମୁଖ୍ୟତଃ ନାଗା ସାଧୂ ସ୍ନାନ କରିବାକୁ ଯାଉଥିବାରୁ ଏହାର ନାମ ପଡିଛି ଶାହୀ ସ୍ନାନ । ସୂର୍ଯ୍ୟ ଓ ଗୁରୁ ଭଳି ରାଜସୀ ଗ୍ରହଙ୍କ ଯୋଗ ଦେଖି ଶାହୀ ସ୍ନାନର ତିଥି ନିର୍ଦ୍ଧାରିତ ହୁଏ । ଏଗ୍ରହ ବ୍ୟକ୍ତିକୁ ଧନ, ବୈଭବ, ସୁଖ, ସମ୍ପତ୍ତି, ସମୃଦ୍ଧି ସହିତ ରାଜସୀ ଜୀବନ ଦିଅନ୍ତି । ବ୍ରାହ୍ମ ମୁହୂର୍ତ୍ତରେ ଦେବଗଣ ସର୍ବପ୍ରଥମେ ଶାହୀ ସ୍ନାନ କରନ୍ତି । ସାଧୂସନ୍ଥ ମୁଖ୍ୟତଃ ନାଗା ସାଧୂମାନେ ତପସ୍ୟା ଛାଡି ଧର୍ମ ରକ୍ଷା ପାଇଁ ମୋଗଲମାନଙ୍କ ସହିତ ଯୁଦ୍ଧ କରିଥିଲେ । ସେମାନେ ଧର୍ମରକ୍ଷକ ମାନ୍ୟତାପ୍ରାପ୍ତ । ତାଙ୍କ ସମ୍ମାନାର୍ଥେ ଦେବତାଙ୍କ ପରେ ତାଙ୍କୁ ଶାହୀ ସ୍ନାନର ପ୍ରଥମ ଅଧିକାର ମିଳେ । ରାଜକୀୟ ଠାଟବାଟରେ ନାଗା ସାଧୂ ପ୍ରଥମେ ସ୍ନାନ କରନ୍ତି । ଦ୍ୱିତୀୟ ସ୍ନାନାଧିକାର ମହାମଣ୍ଡଳେଶ୍ୱର ଓ ତତ୍ପରେ ଅନ୍ୟ ସାଧୂସନ୍ଥଙ୍କର ପାଳି ପଡେ । ବିଭିନ୍ନ ଆଖଡ଼ାର ସାଧୂସନ୍ଥ କ୍ରମାନ୍ବୟରେ ଶାହୀ ସ୍ନାନ କରନ୍ତି । ଏ ଅଧିକାର ପୂର୍ବରୁ ନିର୍ଦ୍ଧାରିତ । ଶାହୀ ସ୍ନାନ ପରେ ସାଧାରଣ ଜନତା ସ୍ନାନ କରିଥାନ୍ତି । ସଙ୍ଗମରେ ବୁଡ଼ ପକାଇଥାନ୍ତି ।

ଚଳିତ ବର୍ଷର ମହାକୁମ୍ଭରେ ଛଅଟି ଶାହୀ ସ୍ନାନ ଯୋଗ ଅଛି । ତିନୋଟି ମୁଖ୍ୟ ଏବଂ ଅନ୍ୟ ତିନୋଟି ଅତିରିକ୍ତ । ପ୍ରଥମ ମୁଖ୍ୟ ଶାହୀ ସ୍ନାନ ଜାନୁଆରୀ ଚଉଦ ତାରଖ ମକର ସଂକ୍ରାନ୍ତି, ଦ୍ୱିତୀୟ ଶାହୀ ସ୍ନାନ ଜାନୁଆରୀ ଅଣତିରିଶ ତାରିଖ ମୌନୀ ଅମାବାସ୍ୟା ଓ ତୃତୀୟ ଶାହୀ ସ୍ନାନ ଫେବୃଆରୀ ତିନି ତାରିଖ ବସନ୍ତ ପଞ୍ଚମୀରେ ପଡିଥିଲା । ଅନ୍ୟ ତିନି ଅତିରିକ୍ତ ଶାହୀ ସ୍ନାନ ଜାନୁଆରୀ ମାସ ତେର ତାରିଖ ପୌଷ ପୂର୍ଣ୍ଣିମା ଦିନ, ଫେବୃଆରୀ ବାର ତାରିଖ ମାଘ ପୂର୍ଣ୍ଣିମା ଦିନ ଏବଂ ଫେବୃଆରୀ ମାସ ଛବିଶ ତାରିଖ ମହା ଶିବରାତ୍ରି ଦିନ ପଡୁଛି । ଚଳିତ ବର୍ଷର ମହା କୁମ୍ଭରେ ଅମୃତ ସ୍ନାନର ପ୍ରଥମ ସ୍ନାନ ଅଧିକାର ଶ୍ରୀ ପଂଚାୟତି ଆଖଡ଼ା, ମହାନିର୍ବାଣୀ ଓ ଶ୍ରୀ ଶମ୍ଭୁ ପଞ୍ଚାୟତ ଅଟଳ ଆଖଡ଼ାଙ୍କୁ ପ୍ରାପ୍ତ ହୋଇଥିଲା । ପରେ ନିର୍ବାଣ ସ୍ୱାମୀ ଜଗତଗୁରୁ ରାମଭଦ୍ରାଚାର୍ଯ୍ୟ ଅମୃତ ସ୍ନାନ କରିବାର ସୌଭାଗ୍ୟ ଅର୍ଜନ କରିଥିଲେ । ମକର ସଂକ୍ରାନ୍ତି ଦିନ ତିନି କୋଟି ପଚାଶ ଲକ୍ଷ, ମୌନି ଅମାବାସ୍ୟାରେ ସାତ କୋଟି ଚଉଷଠି ଲକ୍ଷ ଏବଂ ବସନ୍ତ ପଞ୍ଚମୀରେ ଦୁଇ କୋଟି ସତାବନ ଲକ୍ଷ ଶ୍ରଦ୍ଧାଳୁ ତ୍ରିବେଣୀ ସଙ୍ଗମରେ ଅମୃତ ସ୍ନାନ କରିଥିଲେ । ଚଳିତ ଫେବୃଆରୀ ମାସ ତିନି ତାରିଖ ସୁଦ୍ଧା ଚଉତିରିଶ କୋଟି ସତାନବେ ଲକ୍ଷ ଭକ୍ତ ସଙ୍ଗମରେ ବୁଡ଼ ପକାଇଥିବା ସୂଚନା ମେଳା ପ୍ରଶାସନ ପକ୍ଷରୁ ମିଳେ ।

ବିଭିନ୍ନ ଆଖଡ଼ାର ସାଧୂସନ୍ଥ କୁମ୍ଭ ମେଳାରେ ସମବେତ ହୁଅନ୍ତି । ଭାରତ ବର୍ଷରେ ସର୍ବମୋଟ ତେର ଆଖଡ଼ାର ତିନି ଗୋଷ୍ଠୀର ସାଧୂସନ୍ଥ ଅଛନ୍ତି । ଶୈବ, ବୈଷ୍ଣବ ଏବଂ ଉଦାସୀନ । ଶୈବ ଧର୍ମାବଲମ୍ବୀ ଭଗବାନ ଶିବଙ୍କୁ, ବୈଷ୍ଣବ ଧର୍ମାବଲମ୍ବୀ ଭଗବାନ ବିଷ୍ଣୁ ଓ ତାଙ୍କର ଅବତାରଙ୍କୁ ଓ ଉଦାସୀନ ଧର୍ମାବଲମ୍ବୀ ଅନନ୍ତ ଶକ୍ତିର ଆଧାର ଓଁ ର ପୂଜାର୍ଚ୍ଚନା କରନ୍ତି ।

କୁମ୍ଭ ମାତ୍ର ଏକ ମେଳା ନୁହଁ, ଏହା ଆସ୍ଥା, ବିଶ୍ୱାସ ଓ ଏକତାର ପ୍ରତୀକ । କୁମ୍ଭରେ ଲୋକେ ଦାନ-ପୁଣ୍ୟ କରନ୍ତି । ସାଧୂସନ୍ଥଙ୍କ ଆଶୀର୍ବାଦ ଭିକ୍ଷା କରନ୍ତି । ଶାହୀ ସ୍ନାନ ମୋକ୍ଷ ପ୍ରାପ୍ତିର ସବୁଠୁ ସରଳ ମାର୍ଗ । ତିନି ପୁଣ୍ୟ ତିଥିରେ ତିନି ଅମୃତ ସ୍ନାନ କଲେ ଅଶ୍ୱମେଧ ଯଜ୍ଞଫଳ ସହ କୋଟି ଜନ୍ମର ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । କୁମ୍ଭ ହିନ୍ଦୁମାନଙ୍କର ପ୍ରମୁଖ ଧାର୍ମିକ ଆୟୋଜନ ମଧରୁ ଅନ୍ୟତମ । କୁମ୍ଭ ମେଳାରେ ସାମିଲ ହେଲେ ଶାନ୍ତି ମିଳେ । ଅଶାନ୍ତି ଦୂର ହୁଏ । ଅଧାତ୍ମିକ ଉ ାନ ଘଟେ । ପାପ ଖଣ୍ଡନ ହୁଏ । ଈଶ୍ୱର କୃପା ଓ ସାନ୍ନିଧ ପ୍ରାପ୍ତି ହୁଏ । ସାଧନାର ଜଟିଳ ମାର୍ଗ ସରଳ ହୁଏ । ଦୁର୍ଗମ ପଥ ପ୍ରଶସ୍ତ ହୁଏ । ଅମୃତ ସ୍ନାନ ସକାରାତ୍ମକ ଶକ୍ତି ସୃଷ୍ଟି କରିବା ସହିତ ଜୀବନରେ ସଫଳତା ଆଣେ ବୋଲି ଲୋକଙ୍କ ଅଗାଧ ଆସ୍ଥା ଓ ଗଭୀର ବିଶ୍ୱାସ ରହିଛି ।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର

## ତୁଳସୀ ଦାସ ଓ...

ଦ୍ୱିତୀୟ ପୃଷ୍ଠାର ଅବଶିଷ୍ଟାଂଶ

କଥାର ପ୍ରସଙ୍ଗ ଥିଲା : ବନବାସରୁ ଅଯୋଧା ଫେରିବା ପରେ ମାତା ସୀତା ସବୁ ବାନର ମାନଙ୍କୁ ବିଭିନ୍ନ ପ୍ରକାର ସୁମିଷ୍ଟ ଭୋଜନ ସହିତ ବସ୍ତ୍ର, ଅଳଙ୍କାର, ସୁନ୍ଦର ଉପହାର ପ୍ରଦାନ କରିବା । ସମସ୍ତଙ୍କୁ ଉପହାର ଦେବା ପରେ ସୀତା ହନୁମାନଙ୍କୁ ନିଜର ବହୁମୂଲ୍ୟ ମଣିହାର ପ୍ରଦାନ କରିବାରୁ ହନୁମାନ ହାରର ଗୋଟିଏ ଗୋଟିଏ ମଣିକୁ ପାଟିରେ ପୁରାଇ ଦାନ୍ତରେ ଭାଙ୍ଗିବାକୁ ଲାଗିଲେ । ଏହା ଦେଖି ଉପସ୍ଥିତ ଲୋକେ ଭାବିବାକୁ ଲାଗିଲେ ଯେ ଯାହାହେଲେ ବି ହନୁମାନ ମାଙ୍କଡ଼ ଜାତିର ତ । ଏପରି ଅମୁଲ୍ୟ ହାରର ମୂଲ୍ୟ ମାଙ୍କଡ଼ କଣ ଜାଣିବ ?

ଏତିକି କଥା ପ୍ରସଙ୍ଗ ଚାଲିବା ପରେ ଗୋସ୍ୱାମୀଜୀଙ୍କୁ ରୈଦାସ ବାଲା ପ୍ରସଙ୍ଗ ମନେ ପଡିଲା । ଜାତି ସ୍ୱଭାବ ଉପରେ ବିଶେଷ ଆଲୋଚନା କରିବା ପାଇଁ ସେ ମନସ୍ଥ କଲେ । ଜୀବନରେ ଚତୁରତା ଓ ଆଚାର-ବିଚାରର ଆବଶ୍ୟକତା ଅଛି । ରୈଦାସ ଯାହା କଲେ, ତାହା ଅତି ଅଶିଷ୍ଟତା ପୂର୍ଣ୍ଣ ବ୍ୟବହାର ଥିଲା । ରୈଦାସଙ୍କ ବିଷୟରେ ଏହି ପ୍ରସଙ୍ଗ ଉଠାଇବାକୁ ସେ ବିଚାର ହିଁ କରୁଥିଲେ, ଠିକ ସେତିକିବେଳେ ତାଙ୍କର ବୃଦ୍ଧ ଶିଷ୍ୟ ହରିଦାସ ସେଠାରେ ଉପସ୍ଥିତ ହୋଇ ହାତ ଯୋଡି ଅତି ବିନୟତାର ସହିତ ତୁଳସୀଦାସଙ୍କ କାନରେ ଧୀରେ କହିଲେ ।

‘ଗୁରୁଦେବ !ଆପଣ ଯେଉଁ କଥା ବର୍ତ୍ତମାନ କହିବା ପାଇଁ ବିଚାର କରୁଛନ୍ତି, ଦୟାକରି ତାହା ନୁହେଁ କହିଲେ ଭଲ ହେବ ।”

‘କେଉଁ କଥା ? ‘ତୁଳସୀଦାସ ଆଶ୍ଚର୍ଯ୍ୟ ହୋଇ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁ ପଚାରିଲେ ।

‘ସ୍ୱାମୀଜୀ ! ଆପଣ କାଲିର ଘଟଣାକୁ ନେଇ ଭକ୍ତରାଜ ରୈଦାସଙ୍କର ଜାତି ବିଷୟ, ତାଙ୍କର ଆଚାର ବ୍ୟବହାର ବିଷୟରେ ଯେଉଁ ଟିପ୍ପଣୀ କରିବାକୁ ଚାହୁଁଛନ୍ତି, ସେଥିରେ ଭକ୍ତିର ନିନ୍ଦା ଓ ଜାତିର ସ୍ତୁତି ହୋଇଯିବ । ଏପରି ହେବା ଉଚିତ ନୁହେଁ । ‘ହରିଦାସ ସ୍ପଷ୍ଟ ସତ୍ୟ ପ୍ରକାଶ କଲେ ।

ହରିଦାସଙ୍କର ବଚନ ଶୁଣି ଗୋସ୍ୱାମୀଜୀ ଆଶ୍ଚର୍ଯ୍ୟ ହୋଇଗଲେ । ମୋ ମନର କଥା ଏ ବୁଦ୍ଧିହୀନ ଶିଷ୍ୟ କିପରି ଜାଣିଗଲା ! ତାଙ୍କୁ କିଛି ବୁଝାପଡିଲା ନାହିଁ । ପଚାରିଲେ,‘ପୁତ୍ର ! ମୋ ମନ କଥା ତୁ କିପରି ଜାଣିଲୁ ?’

‘ଗୁରୁ ମହାରାଜ । ଆପଣଙ୍କ କୃପାରୁ । ଆପଣ ଦେଇଥିବା ବସ୍ତ୍ର ଧୋଉ ଧୋଉ ଏବଂ ସେଥିରେ ଲାଗିଥିବା ଲାଲଦାଗ ଶୋଷୁ ଶୋଷୁ ସେ ଦାଗ ତ ଲିଭିଗଲା ଏବଂ ତା ସହିତ ମୋ ହୃଦୟର ସମସ୍ତ ଦାଗ ମଇଳା ମଧ ଦୂର ହୋଇଗଲା । ଆପଣଙ୍କ କୃପାରୁ ମୋତେ ତ୍ରିକାଳ ଜ୍ଞାନର ଦିବ୍ୟ ଦୃଷ୍ଟି ପ୍ରାପ୍ତ ହୋଇଗଲା ।

ଏହା ଶୁଣି ତୁଳସୀଦାସ ଭାବିଲେ ଯେ ରୈଦାସଙ୍କୁ ଚିହ୍ନିବାରେ ତାଙ୍କର ନିଶ୍ଚୟ ଭୁଲ ହୋଇଯାଇଛି । ଆଚରଣରେ ତାଙ୍କ ସହିତ ଅନ୍ୟାୟ ହୋଇଗଲା । ରୈଦାସଙ୍କ ପ୍ରତି ଜାତିଗତ ଘୃଣା ବଦଳରେ ତାଙ୍କର ଭକ୍ତିଭାବ, ସମସ୍ତଙ୍କ ପ୍ରତି ଆତ୍ମଭାବ ଏବଂ ନିଜର ନିର୍ମଳ ଆତ୍ମସ୍ୱରୂପରେ ସ୍ଥିତିକୁ ଅନୁଭବ କରି ତୁଳସୀ ଦାସଙ୍କର ତାଙ୍କ ପ୍ରତି ପ୍ରେମ ଉଛୁଳି ଉଠିଲା । ତାଙ୍କର ଆତ୍ମନିଷ୍ଠାର ପ୍ରଭାବ ସେ ଜାଣିପାରିଲେ । ତେଣୁ ସେହି ସମୟରେ ସେ କଥାରେ କହିଲେ ।

କଥା ସମାପ୍ତ ହେଲା । ଏବେ ରୈଦାସଙ୍କୁ ପୂର୍ଣ୍ଣ ପ୍ରେମର ସହିତ ଆଲିଙ୍ଗନ କରିବାକୁ ସେ ବ୍ୟାକୁଳ ହୋଇ ଉଠିଲେ । ଏପରି ଏକ ଭକ୍ତପ୍ରବରଙ୍କର ସେ ଅପମାନ କରିଥିଲେ । ଏହା ତାଙ୍କୁ ହୃଦୟରେ ବିଦ୍ଧ ହେବାକୁ ଲାଗିଲା ।

ମହାତ୍ମାମାନଙ୍କ ନିଶ୍ଚୟ ଦୃଢ଼ ହୋଇଥାଏ । ନିଶ୍ଚୟ ହୋଇଯିବାପରେ ସେ ଆଉ କାଳ ବିଳମ୍ବ ନ କରି ନିଜର ସମସ୍ତ ଶିଷ୍ୟଙ୍କୁ ନେଇ ରୈଦାସଙ୍କ ସହିତ ମିଶିବା ପାଇଁ ବାହାରି ପଡିଲେ । ଏହିଥର ମଧ ରୈଦାସ ତାଙ୍କର ସ୍ୱାଗତ କରିବା ପାଇଁ ଦୌଡ଼ି ଆସିଲେ । ତୁଳସୀ ଦାସ ତାଙ୍କ ସହିତ ମିଶିବା ପାଇଁ ଆତୁର ହୋଇ ରହିଥିଲେ କିନ୍ତୁ ରୈଦାସ ଦୂରରୁ ହିଁ ତାଙ୍କୁ ଦଣ୍ଡବତ ପ୍ରଣାମ କଲେ ଓ ଏତେ ଚଞ୍ଚଳ ପୁଣି ଆଗମନର କାରଣ ପଚାରିଲେ । ଗୋସ୍ୱାମୀଜୀ ସମସ୍ତ ବୃତ୍ତାନ୍ତ ଶୁଣାଇଲେ ଓ ନିଜର ପ୍ରେମପୂର୍ଣ୍ଣ ବାହୁ ମଧରେ ତାଙ୍କୁ ଆଲିଙ୍ଗନ କରିବାର ହାର୍ଦ୍ଦିକ ଆକାଂକ୍ଷା ବ୍ୟକ୍ତ କରି କହିଲେ:

‘ଭକ୍ତ ରୈଦାସ । ମୁଁ ଆପଣଙ୍କୁ ଚିହ୍ନି ପାରିଲି ନାହିଁ । ସେଥିପାଇଁ କ୍ଷମା କରନ୍ତୁ । ବର୍ତ୍ତମାନ ମୁଁ ଆପଣଙ୍କୁ ଆଲିଙ୍ଗନ କରିବାକୁ ଚାହୁଁଛି ।

ରୈଦାସ ହାତ ଯୋଡି କହିଲେ,‘ପ୍ରଭୁ ! ପ୍ରଥମ ଥର ମୋ ଠାରେ ଯେଉଁ ପ୍ରେମଭାବ ଜାଗ୍ରତ ହୋଇଥିଲା, ତାହା ସ୍ୱାଭାବିକ ଥିଲା । ଏବେ ଆପଣ କହିଲେ ମୁଁ ଦଶ ଥର କୁଣ୍ଢାଇ ଧରିବି କିନ୍ତୁ ସେହି ଆନନ୍ଦ ଆସିବ ନାହିଁ । ଏବେ କୁଣ୍ଢାଇ ଧରିବାବାଲା ଉପସ୍ଥିତ ରହିବ । ସେତେବେଳେ ମୁଁ ନ ଥିଲି, ଅନନ୍ତ ଥିଲା । ସେତେବେଳେ ମୁଁ କୁଣ୍ଢାଇ ଧରିଥିଲେ ବଳଦର ରକ୍ତ ମଧ ପବିତ୍ରକାରୀ ହୋଇଥାନ୍ତା । ଏବେ ମୁଁ ଗଙ୍ଗାସ୍ନାନ କରି ଆଲିଙ୍ଗନ କଲେ ମଧ ସେହି ଆନନ୍ଦ ଆସିବ ନାହିଁ । ଯାହା ଆପଣଙ୍କ ଇଚ୍ଛା । ଗୋଟିଏ କ୍ରିୟା ଆପେ ଆପେ ସ୍ଫୁରିତ ହୁଏ, ଗୋଟିଏ କ୍ରିୟା କରାଯାଏ । ଯାହା ଆପେ ହୁଏ, ତାହା ସ୍ୱାଭାବିକ, ନୈସର୍ଗିକ ହୋଇଥାଏ । ଯାହା କରାଯାଏ, ସେଠାରେ କର୍ତ୍ତା ସାମନାକୁ ଆସିଯାଏ, ଅହଂ ଉପସ୍ଥିତ ହୋଇଯାଏ ଏବଂ ଅନନ୍ତ ଚୈତନ୍ୟ ଅନ୍ତର୍ଦ୍ଧାନ ହୋଇଯାଏ ।

## ଆଜିର ଚିନ୍ତନ

ବାଣୀ ହେଉଛି ଏକ ଆଭ୍ୟନ୍ତରୀଣ ଶକ୍ତି । ଧ୍ୱନିହୀନ ବା ଶାନ୍ତ ହେବାର ଅବସ୍ଥା ହିଁ ନୀରବତା ଏବଂ ଶକ୍ତିକୁ ସଞ୍ଚୟ କରିବା ହେଉଛି ନୀରବତା । ସେଥିପାଇଁ ନୀରବତାକୁ ବାଣୀର ଶ୍ରେଷ୍ଠ ତପସ୍ୟା ବୋଲି କୁହାଯାଏ । ନୀରବତା ଶୁନ୍ୟତାର ପରିପ୍ରକାଶ ତଥା ସମ୍ମତିର ଲକ୍ଷଣ ଓ ବିଜ୍ଞତାର ପରିଚୟ । ନୀରବତା ଅବସ୍ଥାରେ ବ୍ୟକ୍ତି ଆତ୍ମସମୀକ୍ଷା, ଜ୍ଞାନ ଏବଂ ଶାନ୍ତିର ଅନୁଭବ କରିଥାଏ । ନୀରବତା ଭାବନା ହାସଲ କରିବା ହେଉଛି ମୁନୀ ଋଷି ହେବା । ଏହା ସେହି ତପସ୍ୟା ଓ ସାଧନା ଯାହା ବାହ୍ୟ ସମ୍ପର୍କକୁ ଭାଙ୍ଗି ଅନ୍ତଃ ତତ୍ତ୍ୱ ସହିତ ସଂଯୋଗ କରିଥାଏ । ଏହା ହେଉଛି ଆତ୍ମଶୃଙ୍ଖଳା ଓ ଜ୍ଞାନର ସରଳ ମାଧମ । ଏହା ଦ୍ୱାରା ଇନ୍ଦ୍ରିୟ ପ୍ରବୃତ୍ତିର ବିକାଶ ହୋଇଥାଏ । ନୀରବତା ଶାରୀରିକ, ମାନସିକ ଓ ଆଧାତ୍ମିକ ଶକ୍ତି ସଞ୍ଚୟ କରେ, ଯାହା ଆତ୍ମ-ଅନୁଭବର ଉପଯୋଗୀ । ଏହାକୁ ଆପଣଙ୍କୁ ଦୈନନ୍ଦିନ ଜୀବନ ଚର୍ଯ୍ୟାର ଏକ ଅଂଶ କରିବା ପାଇଁ ଅଭ୍ୟାସ କରନ୍ତୁ । ବାଣୀ ଉପରେ ନିୟନ୍ତ୍ରଣ ଆପଣଙ୍କୁ ଅନେକ ଅପ୍ରୀତିକର ପରିସ୍ଥିତିରୁ ରକ୍ଷା କରିଥାଏ । ତେଣୁ ଆସନ୍ତୁ ନିନ୍ଦା ଓ ଅଧିକ ଅଯଥା କଥା ତ୍ୟାଗ କରିବା ଆମକୁ ସତ କହିବା । ଗୌତମ ବୁଦ୍ଧ ସଦାବେଳେ ନୀରବ ରହୁଥିଲେ । ଭାରତୀୟ ସଂସ୍କୃତି ଓ ଆଧାତ୍ମିକତାରେ ନୀରବତାକୁ ସର୍ବୋଚ୍ଚ ତପସ୍ୟା ବୋଲି ବିବେଚନା କରାଯାଏ । ଫ୍ରାନ୍ସିସ୍ ବେକନଙ୍କ ମତ ଯେ ନୀରବତା ନିଦ୍ରା ପରି, ଯାହା ବିବେକକୁ ପୁନର୍ଜୀବିତ କରେ । ଏହା ବ୍ୟକ୍ତିକୁ କେବଳ ଆତ୍ମସମୀକ୍ଷା ଏବଂ ଜ୍ଞାନ ଦିଗରେ ପ୍ରେରଣା ଦିଏ ନାହିଁ, ବରଂ ମନକୁ ସ୍ଥିରତା ମଧ ପ୍ରଦାନ କରିଥାଏ । ଏହା କେବଳ କହିବାଠାରୁ ଦୂରେଇ ରଖେ ନାହିଁ, ବରଂ ମନ, ଚିନ୍ତାଧାରା ଓ ବାଣୀକୁ ନିୟନ୍ତ୍ରଣ କରେ । ଯେତେବେଳେ ଆମେ ଚୁପ୍ ରହିଥାଉ, ଆମେ ଆମର ଆଭ୍ୟନ୍ତରୀଣ ତତ୍ତ୍ୱ ସହିତ ଯୋଡ଼ି ହୋଇଥାଉ । ଏପରିକି କଥାରେ ଚୁପ୍ ରହିଲେ ବି ମନ ନିରନ୍ତର ଅବାକ୍ ରହିଥାଏ, କିନ୍ତୁ ମନ ଶାନ୍ତ ହେଲେ ହିଁ ନୀରବତାର ଆଦର୍ଶ ପ୍ରତିଷ୍ଠା ହୋଇପାରିବ । ଏହା ଆତ୍ମା ସହିତ ଯୋଗାଯୋଗ କରିବାର ଏକ ପ୍ରଭାବଶାଳୀ ମାଧମ । ଯେତେବେଳେ ଆମେ ବାହାର ଲୋକଙ୍କ ସହିତ କଥାବାର୍ତ୍ତା କରିବା ବନ୍ଦ କରିଦେଉ, ସେତେବେଳେ ଆମର ଅନ୍ତଃ ସମ୍ବାଦ ଆରମ୍ଭ ହୁଏ ।


ଶ୍ରୀକ୍ଷେତ୍ର

ବର୍ଷ ୨୯, ସଂଖ୍ୟା - ୬, ୯ - ୧୫ ଫେବୃଆରୀ ୨୦୨୫

# ସଙ୍କୁଚିତ ବଜେଟ

ଫେବୃଆରୀ ୧ରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଲୋକ ସଭାରେ ୨୦୨୫-୨୬ ଆର୍ଥିକବର୍ଷ ପାଇଁ ପୂର୍ଣାଙ୍ଗ ବଜେଟ ଉପସ୍ଥାପନ କରିଛନ୍ତି । ଏହି ବଜେଟକୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖାଦେଇଛି । ନିର୍ମଳା ସୀତାରାମନ ବଜେଟରେ ଚାରିଟି ଇଞ୍ଜିନ: କୃଷି, ଏସ୍‌ଏସ୍‌ଏମ୍‌ଇ, ନିବେଶ ଏବଂ ରପ୍ତାନି ଉପରେ ଧ୍ୟାନଦେଇ ବିକଶିତ ଭାରତ ଲକ୍ଷ୍ୟକୁ ଆଗେଇ ନେବା କଥା କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ବଜେଟକୁ ଲୋକଙ୍କ ବଜେଟ ଏବଂ ଏକ ଶକ୍ତି ଗୁଣକ ଭାବରେ ବର୍ଣ୍ଣନା କରିଲାବେଳେ ବିରୋଧୀ ଦଳ ନୈରାଶ୍ୟଜନକ ଏବଂ ବଜେଟର ଇଞ୍ଜିନ ଲାଇନଚ୍ୟୁତ ହୋଇଛି ବୋଲି କହିଛନ୍ତି । ବଜେଟର ସବିଶେଷ ସମୀକ୍ଷା କଲେ ଏହାର ବାସ୍ତବ ରୂପ ଜଣାପଡ଼ିବ । ଅବଶ୍ୟ ବିଶ୍ୱ ଅର୍ଥନୀତିରେ ଆର୍ଥିକ ମାନ୍ଦାବସ୍ଥା, ପୋଲି କ୍ରାଇସିସ୍, ରୁଷିଆ-ୟୁକ୍ରେନ ଯୁଦ୍ଧ, ହମାସ ଉପରେ ଇସ୍ରାଏଲ ଆକ୍ରମଣ, ଇନ୍ଧନ ଦର ବୃଦ୍ଧି, ଟ୍ରମ୍ପଙ୍କ ଆମଦାନୀ ଶୁଳ୍କ ବୃଦ୍ଧି ଓ କିଛି ପ୍ରତିକ୍ରିୟାଶୀଳ ପଦକ୍ଷେପ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି । ବାସ୍ତବ କଥା ହେଉଛି, ଯେଉଁ ଦଳ ଶାସନ କରୁ ନା କାହିଁକି, ପ୍ରତ୍ୟେକ ବର୍ଷ ଆପେ ଆପେ ନାମାଙ୍କନ ମୂଲ୍ୟରେ ଅଧିକ ଟିକସ ଆଦାୟ ବୃଦ୍ଧି ଘଟିବ ଏବଂ ବଜେଟର ଆକାର ମଧ୍ୟ ବୃଦ୍ଧି ପାଇବ । ନାମାଙ୍କନ ଜିଡିପି ମଧ୍ୟ ବୃଦ୍ଧି ପାଇବ । କେବଳ କରୋନା ପରି ଦୁଃସମୟ ବା ବିଶ୍ୱ ଆର୍ଥିକ ସଙ୍କଟ ପରି ପରିସ୍ଥିତିକୁ ଛାଡ଼ିଦେଲେ ଏସବୁ ସର୍ବଦା ବୃଦ୍ଧି ପାଇଥାଏ । ମୁଦ୍ରାସ୍ଫୀତି ମଧ୍ୟ ସମ୍ପୂର୍ଣ୍ଣ ମୂଲ୍ୟକୁ ବୃଦ୍ଧି କରେ । ଉଦାହରଣ ସ୍ୱରୂପ, ଗତ ୩୦ ବର୍ଷ ମଧ୍ୟରେ, ଭାରତର ନାମାଙ୍କନ ଜିଡିପି ଟଙ୍କା ଦୃଷ୍ଟିରୁ ୩୫ ଗୁଣ ବୃଦ୍ଧି ପାଇଛି, ବାସ୍ତବ ଜିଡିପି କେବଳ ୧୨ ଗୁଣ ବୃଦ୍ଧି ପାଇଛି । ଅର୍ଥାତ୍ ମୁଦ୍ରାସ୍ଫୀତିର ପ୍ରଭାବ ରହିଛି । ତେଣୁ ନାମାଙ୍କନ ଜିଡିପି ବୃଦ୍ଧି ସହିତ ବଜେଟର ଆକାର ବୃଦ୍ଧି ପାଇବା ଉଚିତ ।

୨୦୨୪-୨୫ରେ ନାମାଙ୍କନ ଜିଡିପି ୧୦.୫% ଏବଂ ମୁଦ୍ରାସ୍ଫୀତି (୩.୫ରୁ ୪% ପର୍ଯ୍ୟନ୍ତ ମୂଲ୍ୟ ଡିଫ୍ଲେଟର ଦ୍ୱାରା)କୁ ବାଦଦେଇ ବାସ୍ତବ ଜିଡିପି ୬.୫%ରୁ ୭% ହେବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ନାମାଙ୍କନ ଜିଡିପି ୯.୭% ଓ ବାସ୍ତବ ଜିଡିପି ୬.୪% ହେବ ବୋଲି ଆର୍ଥିକ ସର୍ବେକ୍ଷଣରେ କୁହାଯାଉଛି । କିନ୍ତୁ ଚିନ୍ତାଜନକ ହେଉଛି ୨୦୨୩-୨୪ରେ ଆର୍ଥିକ ଅଭିବୃଦ୍ଧି ୮.୨% ହୋଇଥିଲା । ଗତ ୭ଟି ତ୍ରୟମାସରେ ଏହା ନିମ୍ନଗାମୀ ହୋଇଛି । ୨୦୨୫-୨୬ ବର୍ଷ ପାଇଁ ନାମାଙ୍କନ ଜିଡିପି ୧୦.୧% ଓ ବାସ୍ତବ ଜିଡିପି ୬.୩ରୁ ୬.୮ % ହେବ ବୋଲି ଆକଳନ କରାଯାଇ ବଜେଟ ଉପସ୍ଥାପନ କରାଯାଇଛି । କିନ୍ତୁ ବଜେଟ ଆକାର ୧୦.୧% ନୁହେଁ ମାତ୍ର ୫.୫% ବୃଦ୍ଧିପାଇବ । ଉଲ୍ଲେଖନୀୟ ଏହି କି ଯେ 'ତଥାପି, ବଜେଟ ସଂକୋଚନାତ୍ମକ କାରଣ ବଜେଟ ବ୍ୟୟ ଅଟକଳର ବୃଦ୍ଧି ନାମମାତ୍ର ଜିଡିପିର ଆକଳନ ବୃଦ୍ଧି ଅପେକ୍ଷା କମ୍ । ୨୦୨୪-୨୫ ଆର୍ଥିକ ବର୍ଷରେ ବଜେଟରେ ମୋଟ ବ୍ୟୟବରାଦ ୪୮,୨୦,୫୧୨ କୋଟି ଟଙ୍କା ଧାର୍ଯ୍ୟ କରାଯାଇଥିଲା ବେଳେ ୨୦୨୫-୨୬ରେ ୫୦,୬୫,୩୪୫ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଅର୍ଥାତ୍ ମାତ୍ର ୫.୫% ବୃଦ୍ଧି । ଗତବର୍ଷ ୭% ବୃଦ୍ଧି ହେବ ବୋଲି ଆକଳନ କରାଯାଇଥିଲା । କିନ୍ତୁ ଚିନ୍ତାର ବିଷୟ ୨୦୨୪-୨୫ରେ ସଂଶୋଧିତ ବଜେଟ ଆକଳନ ୪୭,୧୬,୪୮୭ କୋଟି ଟଙ୍କାକୁ ହ୍ରାସ ପାଇଛି । ଅର୍ଥାତ ୧,୦୪,୦୨୫କୋଟି ଟଙ୍କା ହ୍ରାସ ପାଇଛି । ଅବଶ୍ୟ ଅତୀତର ରେକର୍ଡ କହୁଛି ଯେ ସରକାରଙ୍କ ପ୍ରତିଶ୍ରୁତି ମୁତାବକ ବଜେଟରେ ବ୍ୟୟବରାଦ କରାଯାଇଥିବା ଅର୍ଥ ଖର୍ଚ୍ଚ କରାଯାଉ ନାହିଁ । - ଚିନ୍ତାଜନକ ହେଉଛି ଜିଡିପି ଅନୁସାରେ ଭାରତରେ ମୋଟ ବ୍ୟୟବରାଦ ବହୁତ କମ୍ । ୧୯୭୦ରୁ ୨୦୨୩ ମଧ୍ୟରେ ଭାରତରେ ଏହା ହାରାହାରି ୧୫.୧୧% ହୋଇଥିଲା । ୨୦୨୦-୨୧ରେ ମୋଟ ବ୍ୟୟବରାଦ ଜିଡିପିର ୧୭.୭% ଥିଲାବେଳେ, ୨୦୨୪-୨୫ରେ ୧୪.୬ %କୁ ହ୍ରାସ ପାଇଥିଲାବେଳେ ୨୦୨୫- ୨୬ରେ ୧୪.୨%କୁ ହ୍ରାସ ପାଇବ ବୋଲି ଧାର୍ଯ୍ୟ କରାଯାଇଛି । ଅନ୍ୟ ଦେଶ ତୁଳନାରେ ଏହା ବହୁତ କମ । ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଅନୁସାରେ ଏହା ଫ୍ରାନ୍ସରେ ୫୭%, ଇଟାଲୀ ୫୩.୮ %, ୟୁରୋ ଏରିଆ ୪୯.୫%, ଜର୍ମାନୀ ୪୮,୪%, ସ୍ପେନ ୪୫.୪%, ଜାପାନରେ ୪୪,୦୫%, ଗ୍ରେଟବ୍ରିଟେନ ୪୪.୫%, ଆମେରିକାରେ ୩୪.୩୮% ଓ ସୁଇଜରଲାଣ୍ଡରେ ୩୨% ରହିଛି । ଯେହେତୁ ବ୍ୟୟବରାଦ ଆଶାନୁରୂପ ବୃଦ୍ଧି ପାଉନି, ଗୋଟିଏ କ୍ଷେତ୍ରରେ ବୃଦ୍ଧି ପାଇଲେ ଗୋଟିଏ କ୍ଷେତ୍ରରେ ହ୍ରାସ ପାଉଛି । ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦ ପୂର୍ବବର୍ଷ ତୁଳନାରେ ହ୍ରାସପାଇଛି ବା ୨୦୨୪-୨୫ବର୍ଷର ସଂଶୋଧିତ ଅଟକଳରେ ମୂଳ ଧାର୍ଯ୍ୟଠାରୁ କମ୍ ହୋଇଛି । ଏହା - ଆଶ୍ଚର୍ଯ୍ୟଜନକ ଯେଉଁ ରେଳ ବଜେଟ ବ୍ୟୟବରାଦ ଗତ ବର୍ଷ ୨.୬୨ ଲକ୍ଷ କୋଟି ଟଙ୍କା ଥିଲାବେଳେ ୨୦୨୫- ୨୬ରେ ୨.୫୫ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି । ରେଳ ସୁରକ୍ଷା ପାଇଁ ମଧ୍ୟ ୩୨୨.୫୦ ଟଙ୍କା କମ୍ ବ୍ୟୟ ହେବ । ପୁଞ୍ଜି ବ୍ୟୟରେ ବୃଦ୍ଧି ହୋଇନି । ପୂର୍ବପରି ୨.୫୫ ଲକ୍ଷ କୋଟି ଟଙ୍କା ରହିଛି । ଏହି ବଜେଟ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ । କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ଅର୍ଥ ହସ୍ତାନ୍ତର ପରିମାଣ ପାଇଁ ୨୦୨୪-୨୫ ବର୍ଷ ବଜେଟରେ ଯେଉଁ ବ୍ୟୟବରାଦ କରିଥିଲେ ତାହା ସଂଶୋଧିତ ଅଟକଳରେ ହ୍ରାସ ପାଇଛି । କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନାଗୁଡ଼ିକ ପାଇଁ ପାଣ୍ଠିରେ ୫,୦୫,୯୭୮ କୋଟି ଟଙ୍କାରୁ ୪,୧୫,୩୫୬ କୋଟି ଟଙ୍କାକୁ ଅର୍ଥ ଆୟୋଗ ଦ୍ୱାରା ଅନୁଦାନରେ ୧,୩୨,୩୭୮ କୋଟି ଟଙ୍କାରୁ ୧,୨୭,୧୪୬ କୋଟି ଟଙ୍କାକୁ ଏବଂ ରାଜ୍ୟଗୁଡ଼ିକୁ ଅନ୍ୟାନ୍ୟ ହସ୍ତାନ୍ତର ବାବଦରେ ୩,୯୧,୬୭୬ କୋଟି ଟଙ୍କାରୁ ୩,୭୪,୬୭୪ କୋଟି ଟଙ୍କାକୁ ହ୍ରାସ ପାଇଛି । ଅର୍ଥାତ୍ ମୋଟ ଉପରେ ୪,୮୨,୦୫୧୨ କୋଟି ଟଙ୍କାରୁ ୪,୭୧,୬୪୮୭ କୋଟି ଟଙ୍କାକୁ ହ୍ରାସପାଇଛି । ଅର୍ଥାତ୍ ଯେତିକି ପରିମାଣର ଅର୍ଥ ରାଜ୍ୟମାନଙ୍କୁ ଦେବା ପାଇଁ ବଜେଟରେ ଦର୍ଶାଇଥିଲେ, ତା' ତୁଳନାରେ ରାଜ୍ୟମାନଙ୍କୁ ପ୍ରକୃତ ହସ୍ତାନ୍ତର ୧,୧୨,୮୮୫ କୋଟି ଟଙ୍କା କମ୍ ଦେଲେ । କେନ୍ଦ୍ର ସରକାର ରାଜ୍ୟମାନଙ୍କୁ ସମାନ ଦୃଷ୍ଟିରେ ଦେଖିବା ଉଚିତ । କିନ୍ତୁ ନିର୍ବାଚନକୁ ଦୃଷ୍ଟିରେ ରଖି ଦିଲ୍ଲୀ ଓ ବିହାରକୁ କିଛି ଅଧିକ ଦିଆଯାଇଛି । ଆଗରୁ ଆନ୍ଧ୍ରପ୍ରଦେଶକୁ ଓ ବିହାରକୁ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା । କିନ୍ତୁ ଓଡ଼ିଶାକୁ କିଛି ଦିଆଯାଇନି । ପ୍ରଧାନମନ୍ତ୍ରୀ କହିଛନ୍ତି, ବଜେଟ ସଞ୍ଚୟ, ଉପଭୋଗ ଏବଂ ନିବେଶ ବୃଦ୍ଧି ସହିତ ଜିଡିପି ବୃଦ୍ଧି କରିବ । କିନ୍ତୁ ଲୋକଙ୍କ ପ୍ରକୃତ ଆୟ ବୃଦ୍ଧି ନ ହେଲେ ଏହା ସମ୍ଭବ ନୁହେଁ । ଆୟ ବୃଦ୍ଧି ପାଇଁ କିଛି ପଦକ୍ଷେପ ନାହିଁ । ଅର୍ଥନୀତି ମନ୍ଥର ହେବା, ମୁଦ୍ରାସ୍ଫୀତି ବୃଦ୍ଧି, ବେକାରି ବୃଦ୍ଧି, ପ୍ରକୃତ ମଜୁରି ହ୍ରାସ, ଲୋକଙ୍କ କ୍ରୟ ଶକ୍ତି ହ୍ରାସ, ବ୍ୟାପକ ଅସମାନତା ଭଳି ସମସ୍ୟାଗୁଡ଼ିକର ସମାଧାନ ପାଇଁ କିଛି କୁହାଯାଇନାହିଁ, ବରଂ ସଙ୍କୁଚିତ ବଜେଟ ଉପସ୍ଥାପନ କରାଯାଇଛି ।



# ରାଜନୀତିକ ଧର୍ମଘଟ

## ମହାତ୍ମା ଗାନ୍ଧୀ

ଏକ ସଫଳ ଧର୍ମଘଟର ସର୍ତ୍ତଗୁଡ଼ିକ ଅତ୍ୟନ୍ତ ସରଳ । ସେହି ସର୍ତ୍ତଗୁଡ଼ିକର ପୂରଣ ହୋଇ ପାରିଲେ ଧର୍ମଘଟ ବିଫଳ ହେବାର ଆଦୌ କୌଣସି କାରଣ ନ ଥିବ । ଧର୍ମଘଟର କାରଣ ଅବଶ୍ୟ ନ୍ୟାୟୋଚିତ ହୋଇଥିବ । ଧର୍ମଘଟକାରୀମାନଙ୍କ ମଧ୍ୟରେ ବାସ୍ତବତଃ ସହମତି ରହିଥିବ । ଧର୍ମଘଟରେ ଯେଉଁମାନେ ଯୋଗ ନ ଦେବେ, ସେମାନଙ୍କ ପ୍ରତି କୌଣସି ହିଂସା ଆଚରଣ ହେବନାହିଁ । ସଂଗଠନର ପାଣ୍ଠି ଉପରେ ନିର୍ଭର ନକରି ଧର୍ମଘଟ ସମୟରେ ଧର୍ମଘଟକାରୀ ଶ୍ରମିକମାନେ ନିଜର ଭରଣପୋଷଣ କରି ପାରୁଥିବେ, ତେଣୁ ସେମାନଙ୍କୁ ଅସ୍ଥାୟୀ ଭାବରେ କୌଣସି ଅନ୍ୟ ଉପଯୋଗୀ ଓ ଉପାର୍ଜନକ୍ଷମ ଧନ୍ଦା ଗ୍ରହଣ କରିନେବାକୁ ପଡିବ । ଧର୍ମଘଟ ସମୟରେ ଧର୍ମଘଟକାରୀଙ୍କ ସ୍ଥାନରେ କାମ କରିବାକୁ ଯଥେଷ୍ଟ ସଂଖ୍ୟାରେ ଶ୍ରମିକ ମହଜୁଦ ରହିଥିବା ପର୍ଯ୍ୟନ୍ତ ଧର୍ମଘଟ ଦ୍ୱାରା କୌଣସି ପ୍ରତିକାର ସମ୍ଭବ ହେବନାହିଁ । ସେଭଳି ସ୍ଥିତିରେ, ଯଦି ଅନ୍ୟାୟପୂର୍ଣ୍ଣ ବ୍ୟବହାର କରା ଯାଉଥିବ ଯଥେଷ୍ଟ ମଜୁରି ମିଳୁ ନ ଥିବା ଅତୁଲ୍ୟ କୌଣସି ସମସ୍ୟା ରହିଥିବ, ତେବେ କାମରୁ ଇସ୍ତଫା ଦେବାଦ୍ୱାରା ତାହାର ପ୍ରତିକାର ହୋଇପାରିବ । ଉପରଲିଖିତ କୌଣସି ସର୍ତ୍ତର ପୂରଣ ନ ହୋଇଥିବା ସମୟରେ ମଧ୍ୟ ଧର୍ମଘଟ କରି ସଫଳତା ପ୍ରାପ୍ତ ହୋଇଛି । ମାତ୍ର ସେଥିରୁ କେବଳ ଏତିକି ପ୍ରମାଣ ମିଳୁଛି ଯେ ସଂପୃକ୍ତ ମାଲିକମାନେ ଅତ୍ୟନ୍ତ ଦୁର୍ବଳ ଥିଲେ ଏବଂ ସେମାନଙ୍କର ବିବେକ ସେମାନଙ୍କୁ ଦଂଶନ କରିବାରେ ଲାଗିଥିଲା । ଅନେକ ସମୟରେ ଖରାପ ଦୃଷ୍ଟାନ୍ତଗୁଡ଼ିକର ଅନୁକରଣ କରି ଆମେ ସାଂଘାତିକ ଭୁଲମାନେ କରିପକାଉଁ । ଯେଉଁସବୁ ଦୃଷ୍ଟାନ୍ତ ବିଷୟରେ ଆମର କ୍ୱଚିତ୍ ସମ୍ପୂର୍ଣ୍ଣ ଜ୍ଞାନ ରହିଛି, ସେଗୁଡ଼ିକର ନକଲ ନକରି ଆମେ ଯେଉଁ ଅବସ୍ଥାଗୁଡ଼ିକୁ ଜାଣିଛୁ ଏବଂ ଯେଉଁଗୁଡ଼ିକୁ ସଫଳତା ପାଇବା ନିମନ୍ତେ ଅତ୍ୟାବଶ୍ୟକ ବୋଲି ଭାବୁଛୁ, ସେହି ଗୁଡ଼ିକର ଅନୁସରଣ କରିବାକୁ ହିଁ ସର୍ବାଧିକ ନିରାପଦ ପନ୍ଥା ବୋଲି କୁହାଯିବ ।

ଆପଣାର ଯୁକ୍ତିଯୁକ୍ତ କାରଣ ନ ଥିବା କୌଣସି ଧର୍ମଘଟ ଯେ କରାଯିବ ନାହିଁ, ଏହା ଅତ୍ୟନ୍ତ ସ୍ପଷ୍ଟ କଥା । କୌଣସି ଅନ୍ୟାୟୋଚିତ ଧର୍ମଘଟର ଆଦୌ ସଫଳ ହେବା ଉଚିତ ହେବନାହିଁ । ଏଭଳି ଯାବତୀୟ ଧର୍ମଘଟରୁ ଜନସାଧାରଣଙ୍କର ସହାନୁଭୂତି ପ୍ରତ୍ୟାହାର କରି ଅଣାଯିବା ଉଚିତ ହେବ ।

ଧର୍ମଘଟର ଯୁକ୍ତିଯୁକ୍ତତା ବିଚାର କରିବାର କ୍ଷେତ୍ରରେ, ସର୍ବସାଧାରଣଙ୍କର ବିଶ୍ୱାସଭାଜନ ନିରପେକ୍ଷ ବ୍ୟକ୍ତିମାନଙ୍କର ସମର୍ଥନ ରହି ନ ଥିଲେ ସାଧାରଣ ଲୋକେ କୌଣସି ଧର୍ମଘଟର ଯୁକ୍ତିଯୁକ୍ତତା ବିଚାର କରିବାର ଆଦୌ କୌଣସି ବାଟ ନ ଥାଏ । ଆପଣାର ସ୍ୱାର୍ଥ ରହିଥିବା ବ୍ୟକ୍ତିମାନେ କଦାପି ନିଜ ବ୍ୟାପାରଟିର ଭଲ ମନ୍ଦ ବିଚାର କରିପାରିବେ ନାହିଁ । ତେଣୁ ଏହି କ୍ଷେତ୍ରରେ ମଧ୍ୟସ୍ଥମାନଙ୍କର ବା ଏକ ବିଚାର ବିଭାଗୀୟ ନିଷ୍ପତ୍ତିର ଆବଶ୍ୟକତା ଅବଶ୍ୟ ରହିବ, ଯେଉଁମାନଙ୍କୁ ଉଭୟ ପକ୍ଷ ଗ୍ରହଣ କରୁଥିବେ ।

ମଧ୍ୟସ୍ଥତା କିମ୍ବା ବିଚାରବିଭାଗୀୟ ନିଷ୍ପତ୍ତିର କ୍ଷେତ୍ରରେ ନିୟମତଃ ବ୍ୟାପାରଟି ଆଦୌ ସାଧାରଣ ଲୋକମାନଙ୍କ ପାଖକୁ ଆସିବ ନାହିଁ । ଅବଶ୍ୟ ଏପରି ଘଟଣାମାନ ଘଟିଛି, ଯେତେବେଳେ କି ଦାମ୍ଭିକ ମାଲିକମାନେ ନିଷ୍ପତ୍ତିଗୁଡ଼ିକୁ କୌଣସି ସମ୍ମାନ ଦେଖାଇ ନାହାନ୍ତି ଅଥବା ଶ୍ରମିକମାନଙ୍କୁ ବାଟବଣା କରି ଦେଇଛନ୍ତି, ନିଜର ଇଚ୍ଛାକୁ କାଏମ ରଖି ପାରିବାର କ୍ଷମତା ସେମାନଙ୍କର ରହିଛି ବୋଲି ସଚେତନ ହୋଇ ସେମାନେ ଏପରି କରିଛନ୍ତି ଏବଂ ଜବରଦସ୍ତ ଆପଣାର ଇଚ୍ଛା ଅନୁସାରେ ସବୁ ହାସଲ କରିନେବେ ବୋଲି ବିଚାର କରିଛନ୍ତି ।

ଆର୍ଥିକ ଅବସ୍ଥାରେ ଉନ୍ନତି ସାଧନ କରିବାର ଲକ୍ଷ୍ୟ ରଖି କରା ଯାଉଥିବା ଧର୍ମଘଟଗୁଡ଼ିକ ଆଗରେ ଆଦୌ କୌଣସି ରାଜନୀତିକ ଲକ୍ଷ୍ୟ ହାସଲ କରିବାର ଚତୁର ମତଲବ ରହିବା ଉଚିତ ନୁହେଁ । ଏପରି ବିମିଶ୍ରଣ ରାଜନୀତିକ ଲକ୍ଷ୍ୟଟିକୁ ମଧ୍ୟ ଆଦୌ ଆଗେଇ ନେଇ ପାରେ ନାହିଁ ଏବଂ ସାଧାରଣତଃ ଧର୍ମଘଟକାରୀମାନଙ୍କୁ ଅନେକ ଅସୁବିଧାରେ ଆଣି ପକାଇଥାଏ । ସେମାନେ ସାଧାରଣ ଜୀବନକୁ ଅଚଳ କରିଦେଉ ନ ଥିଲେ ମଧ୍ୟ ଅନେକ ଅସୁବିଧାରେ ପକାନ୍ତି । ଡାକବିଭାଗର ଧର୍ମଘଟ ପରି ସାଧାରଣ ଆବଶ୍ୟକତାର ସେବାଗୁଡ଼ିକୁ ଏଠାରେ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇ ପାରିବ ।

ସରକାର ହୁଏତ କେତେକ ଅସୁବିଧାରେ ଅବଶ୍ୟ ପଡିବେ, ମାତ୍ର କଦାପି ଅଚଳ ହୋଇ ଯିବେନାହିଁ । ଧନୀ ବ୍ୟକ୍ତିମାନେ ଅଧିକ ଖର୍ଚ୍ଚସାପେକ୍ଷ ଡାକବ୍ୟବସ୍ଥାମାନଙ୍କର ବିକଳ୍ପ ପ୍ରବର୍ତ୍ତନ କରିବେ ମାତ୍ର, ଏପରି ଏକ ଧର୍ମଘଟ ସମୟରେ ଚରିତ୍ର, ଲୋକମାନେ ପୁରୁଷ ପୁରୁଷ ଧରି ଉପକୃତ ହୋଇ ଆସିଥିବା ଏଭଳି ଗୋଟିଏ ମୌଳିକ ମହତ୍ତ୍ୱ ରଖିଥିବା ସୁବିଧାରୁ ବଞ୍ଚିତ ହୋଇ ରହିବେ । ଯେତେବେଳେ ଅନ୍ୟ ଯାବତୀୟ ଆଇନସମ୍ମତ ପନ୍ଥା ଅବଲମ୍ବନ କରା ଯାଇଥିବ ଓ ବିଫଳ ହୋଇଥିବ, କେବଳ ସେହି ସ୍ଥିତିରେ ହିଁ ଏପରି ଗୋଟିଏ ଧର୍ମଘଟର ଆଶ୍ରୟ ନିଆଯାଇ ପାରିବ ।

ସଂପୃକ୍ତ ଏବଂ ଆକ୍ରାନ୍ତ ବ୍ୟକ୍ତିମାନେ ଆପଣା ପାଖରେ ଥିବା ଯାବତୀୟ ଆଇନସଙ୍ଗତ ଉପାୟକୁ ଗ୍ରହଣ କରି ସାରିଲେଣି ବୋଲି ସୁନିଶ୍ଚିତ ଭାବରେ ପ୍ରମାଣିତ ହୋଇଯିବା ପର୍ଯ୍ୟନ୍ତ କୌଣସି ସହାନୁଭୂତି ସୂଚକ ଧର୍ମଘଟ ଅବଶ୍ୟ ନିଷିଦ୍ଧ ହୋଇ ରହିବ ।

ପୂର୍ବୋକ୍ତ କଥାଟିରୁ ଏକଥା ମଧ୍ୟ ସ୍ପଷ୍ଟ ହୋଇଯାଇଛି ଯେ, ରାଜନୀତିକ ଧର୍ମଘଟଗୁଡ଼ିକର ବିଚାର ସେଗୁଡ଼ିକର ଆପଣାର ଦୋଷଗୁଣ ଅନୁସାରେ କରାଯିବ ଏବଂ ଆର୍ଥିକ କାରଣରୁ କରାଯାଉଥିବା ଧର୍ମଘଟଗୁଡ଼ିକ ସହିତ ସେଗୁଡ଼ିକ କଦାପି ମିଶାଇ କିମ୍ବା ଯୋଡ଼ି ଦିଆ ଯିବନାହିଁ । ଅହିଂସ କ୍ରିୟାତ୍ମକତା ମଧ୍ୟରେ ରାଜନୀତିକ ଧର୍ମଘଟଗୁଡ଼ିକର ଏକ ନିର୍ଦ୍ଦିଷ୍ଟ ସ୍ଥାନ ରହିଛି । ଅବିଚାରିତ ଭାବରେ କଦାପି ସେଗୁଡ଼ିକର ଆଶ୍ରୟ ନିଆଯିବ ନାହିଁ । ସବୁ ଖୋଲାଖୋଲିଭାବରେ ହେବ, କଦାପି ଗୁଣ୍ଡାଗିରି ଦ୍ୱାରା ପରିଚାଳିତ ହେବ ନାହିଁ । ସେଗୁଡ଼ିକ କଦାପି ହିଂସାରେ ପରିଣତ ହେବ ନାହିଁ ବୋଲି ଅବଶ୍ୟ ପ୍ରତ୍ୟାଶା କରାଯାଉଛି ।

# କୋଲେଷ୍ଟେରଲ କମାଇବ ଆଭୋକାଡୋ

ଆଭୋକାଡୋ ଏକାଧିକ ସ୍ୱାସ୍ଥ୍ୟ ହିତକର ଗୁଣ ରହିଛି । ହୃତପିଣ୍ଡ ପାଇଁ ଏହାକୁ ବିଶେଷ ଲାଭକର ଫଳ ବୋଲି କୁହାଯାଏ । ଏକ ସଦ୍ୟ ଅଧ୍ୟୟନ ଏହିତଥ୍ୟର ବଳିଷ୍ଠ ପ୍ରମାଣ ଦେଇଛି । ଅଧ୍ୟୟନ ଅନୁସାରେ, ଦିନକୁ ଗୋଟିଏ ଆଭୋକାଡୋ ଖାଇଥିବା ବ୍ୟକ୍ତିଙ୍କ ଏଲଡିଏଲ ସ୍ତର କମିଥିଲା । ଅର୍ଥାତ କୋଲେଷ୍ଟେରଲ ମାତ୍ରା ହ୍ରାସ ପାଇଥିଲା । ଏଥିସହ ଅତିରିକ୍ତ ଓଜନ ଓ ମେଦବହୁଳତା ସ୍ତର ମଧ୍ୟ କମିଥିଲା । ଅଧ୍ୟୟନରେ ସାମିଲ ପ୍ରତିଯୋଗୀ ସେମାନଙ୍କ ଖାଦ୍ୟ ତାଲିକାରେ ଦିନକୁ ଗୋଟିଏ ଲେଖାଏଁ ଆଭୋକାଡୋ ସାମିଲ କରିବା ଦ୍ୱାରା ପୂର୍ବାପେକ୍ଷା ସେମାନଙ୍କ ଠାରେ ଅପେକ୍ଷାକୃତ ଅଳ୍ପ କ୍ଷୁଦ୍ର, ଘନ ଏଲଡିଏଲ କଣିକା ହ୍ରାସ ପାଇବାର ଗବେଷକମାନେ ଲକ୍ଷ୍ୟ କରିଥିବା ନ୍ୟୁଟ୍ରିସନ ପ୍ରଫେସର ପେନି କ୍ରିସ୍- ଇଥରଟନ୍ କହିଛନ୍ତି । କ୍ଷୁଦ୍ର ଓ ଘନ ଏଲଡିଏଲ କଣିକାଗୁଡ଼ିକ ବିଶେଷ କ୍ଷତିକାରକ, ଯାହା ଧମନୀରେ ଚର୍ବି ଜମା କରିଥାଏ । ଆଭୋକାଡୋ ବାସ୍ତବରେ ସୁସ୍ଥ ଚର୍ବି ସୃଷ୍ଟିକରେ । ଏଥିରେ କାରୋଟେନଏଡସ ରହିଛି ଯାହା ଆଖିର ସ୍ୱାସ୍ଥ୍ୟ ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ । ଅନ୍ୟ ପୋଷକ ତତ୍ତ୍ୱରେ ମଧ୍ୟ ଏହା ଭରପୁର ।



## ସ୍ୱର୍ବେଦ

**ସହଜ ଯୋଗ ସବ ଶ୍ରେଷ୍ଠ ହୈ,**
**ଶବ୍ଦ ସୁରତି ଗମ ଯୋଗ ।**
**ସଦ୍‌ଗୁରୁ କୃପା ସେ ପାଇୟେ,**
**ଅନ୍ତର ଅନୁଭଓ୍ୱ ଭୋଗ ।।୩୧।।**

ଭାଷ୍ୟ - ସହଜ ଯୋଗ ସବୁଠାରୁ ଶ୍ରେଷ୍ଠ ଅଟେ ଯାହା ସୁରତି ଦ୍ୱାରା ପରିଚାଳିତ ହେଲେ ଶବ୍ଦର ସମ୍ବନ୍ଧରୁ ହୋଇଥାଏ । ସୁରତି ଶବ୍ଦର ସମ୍ବନ୍ଧ ହିଁ ସହଜ ଯୋଗ ଅଟେ । ସଦ୍‌ଗୁରୁ କୃପା ଦ୍ୱାରା ସହଜ ଯୋଗର ଆନନ୍ଦ, ଅନୁଭବର ପ୍ରାପ୍ତି ହୋଇଥାଏ ।

**ନିୟମିତ ଦୋନୋଁ କାଲ ମେଁ,**
**ବ୍ରାହ୍ମମୁହୂର୍ତ୍ତ ସୁଧାର ।**
**ଯୋଗାଭ୍ୟାସ ଦୃଢ଼ ହୋ ଚଲେ,**
**ସବ ଅଙ୍ଗ ପୂର୍ଣ୍ଣ ସଁଓ୍ୱାର ।।୩୨।।**

ଭାଷ୍ୟ - ଯୋଗାଭ୍ୟାସ ଦୃଢ଼ ହୋଇ ଦୁଇ କାଳ ଓ ବ୍ରାହ୍ମମୁହୂର୍ତ୍ତରେ ଯେତେବେଳେ ଚାଲେ, ସେତେବେଳେ ସମସ୍ତ ଅଙ୍ଗରେ ପୂର୍ଣ୍ଣରୂପରେ ଯୋଗର ଫଳ ପ୍ରାପ୍ତ ହୋଇଥାଏ ।

**ଶନୈ ଶନୈ ଅଭ୍ୟାସ କୋ,**
**ଆଗେ ଲେୟ ବଢ଼ାୟ ।**
**ମନ ମାୟା କୋ ମାରି କେ,**
**ଅନ୍ତର ପୈଠେ ଧାୟ ।।୩୩।।**


ଭାଷ୍ୟ - ଯୋଗାଭ୍ୟାସକୁ ଧୀରେ ଧୀରେ ଆଗକୁ ବଢ଼ାନ୍ତୁ ଏବଂ ମନ-ମାୟାକୁ ଶାନ୍ତ କରି ଅନ୍ତର୍ଗମନ କରି ଶବ୍ଦରେ ପ୍ରବେଶ କରନ୍ତୁ ।

**ଅଜପା ମଧ୍ୟେ ଶବ୍ଦ କା, ପାରଖି**
**ବହୁ ଓ୍ୱିଧି ହୋୟ ।**
**ଅନ୍ତର ପରମ ସନେହ ମେଁ, ଶବ୍ଦ**
**ସୁରତି ଲଓ୍ୱ ହୋୟ ।।୩୪।।**

ଭାଷ୍ୟ - ମଝିରେ 'ଅକ୍ଷର' ପୂର୍ଣ୍ଣରୂପରେ ପ୍ରାପ୍ତ ହୁଏ ଏବଂ ତଦ୍‌ପଶ୍ଚାତ୍ ପରମ ଅନୁରାଗରେ ଶବ୍ଦ-ସୁରତିର ପ୍ରେମ ସମ୍ବନ୍ଧ ହୁଏ । ଅକ୍ଷରକୁ ଅଜପା ଶବ୍ଦ କୁହାଯାଇଛି । ମଧ୍ୟ ସହଜ-ଶୂନ୍ୟକୁ କହନ୍ତି । ଅକ୍ଷରର ନିରୀକ୍ଷଣ ପରେ ଶବ୍ଦ-ପରଂବ୍ରହ୍ମଙ୍କର ପ୍ରାପ୍ତି ତଥା ଅନୁଭବ ହୋଇଥାଏ ।

**ସନ୍ତନ ସହଜ ସମାଧି ହୈ, ସହଜ**
**ଯୋଗ ସୁଖସାର ।**
**ଚଲତ ଫିରତ ଛୁଟେ ନହିଁ, କ୍ଷଣ**
**କ୍ଷଣ ପଲ ପଲ ଓ୍ୱାର ।।୩୫।।**

ଭାଷ୍ୟ - ସହଜ ଯୋଗ ସମସ୍ତ ସୁଖର ମୂଳ ଅଟେ ଯାହା ଦ୍ୱାରା ସନ୍ଥମାନଙ୍କର ସହଜ ସମାଧି ହୋଇଥାଏ । ସହଜ ଯୋଗୀ ସହଜ ସମାଧିରେ ଚାଲିବା ବୁଲିବା, ଉଠିବା ବସିବା ଭଳି ସବୁ ସମୟରେ ଆନନ୍ଦରେ ନିମଗ୍ନ ରହିଆନ୍ତି । ସହଜ




ସମାଧି ସର୍ବଦା ଲାଗି ରହିଥାଏ, ତାହା କେବେ ଛାଡ଼େ ନାହିଁ ।

**ନିରଗୁଣ ପାଁଚ ପଚୀସ କୋ,**
**ଅନ୍ତର କରଣ ସଂହାର ।**
**ଅନ୍ତର ସେ ଅନ୍ତର ଗୁହା, କ୍ଷର**
**ଅକ୍ଷର ତର ସାର ।।୩୬।।**

ଭାଷ୍ୟ - ପାଞ୍ଚ ତତ୍ତ୍ୱ, ପଚିଶ ପ୍ରକୃତି, ମନ ଆଉ ସୁରତି ସମସ୍ତଙ୍କୁ ରୋଧକରି, ଅନ୍ତରତର ପ୍ରଦେଶରେ ପ୍ରବେଶ କରିବା ଦ୍ୱାରା କ୍ଷର-ଅକ୍ଷରାନ୍ତର ବ୍ୟାପକ ପରମ ଅକ୍ଷରଙ୍କର ଅନୁଭବ, ଆନନ୍ଦ ପ୍ରାପ୍ତ ହୋଇଥାଏ ।

**ପିଣ୍ଡ ବ୍ରହ୍ମାଣ୍ଡ ସବ ସନ୍ଧି କୋ,**
**ମରମୀ, ଯୋଗୀ ଜାନ ।**
**ଚକ୍ର ସୋଧି ଫନ ମାରି କର,**
**ସହଜ ଯୋଗ ଓ୍ୱିଜ୍ଞାନ ।।୩୭।।**

ଭାଷ୍ୟ - ପିଣ୍ଡ ବ୍ରହ୍ମାଣ୍ଡ ଏବଂ ସମସ୍ତ ସନ୍ଧିମାନଙ୍କୁ ସଦ୍‌ଗୁରୁ-ଭେଦୀ, ଅନୁଭବୀ ଯୋଗୀ ଜାଣନ୍ତି । ଚକ୍ରମାନଙ୍କୁ ସାଧ୍ୟକରି ସପିଣୀର ଫଣାକୁ ସୁଷୁମ୍ନାର ଦ୍ୱାରରୁ ଅଲଗା କରି ସହଜ ଯୋଗ ଦ୍ୱାରା ପରମପ୍ରଭୁଙ୍କର ଅନୁଭବ ସାକ୍ଷାତ୍‌କାର ହୋଇଥାଏ ।

**ଚାଟକ ଆଠୋ ଯାମ କା, ଶଶି**
**ଚକୋର କୀ ରୀତି ।**
**କରନୀ ଧରନୀ ସବ ବନୀ,**
**ରହନୀ ସହଜ ସପ୍ରୀତି ।।୩୮।।**

ଭାଷ୍ୟ - ଦିନ ରାତି ଆଠ ପ୍ରହର ଚନ୍ଦ୍ରମା ଓ ଚକୋର ସମାନ ଯେତେବେଳେ କରିବା, ଧରିବା ଏବଂ ରହିବା ସମସ୍ତେ ଏକରୂପରେ ସ୍ୱାଭାବିକ ଶବ୍ଦ ପ୍ରଭୁଙ୍କ ସହିତ ସଂଯୋଗ ହୋଇଯାଆନ୍ତି, ସେତେବେଳେ ପୂର୍ଣ୍ଣ ପୁରୁଷଙ୍କର ପ୍ରାପ୍ତି ହୋଇଯାଏ ।

**ଭଜନ ନିରନ୍ତର ଧାର ହୈ, ଟୂଟ**
**ସକେ ନହିଁ ତାର ।**
**ନିଶିଦିନ ଏକ ପ୍ରକାର ସେ,**
**ଚଢ଼ତ ଅଗମ ଘର ପାର ।।୩୯।।**

ଭାଷ୍ୟ - ଆତ୍ମାର ଚେତନ କ୍ରିୟା ସର୍ବଦା ଏକ ପ୍ରକାରରେ ଚାଲିଥିଲେ ତାହାର ନିରନ୍ତରତା ଭାଙ୍ଗେ ନାହିଁ । ଯେବେ ନିଶିଦିନ ଏହି ପ୍ରକାରେ ଭଜନ ହୁଏ, ତେବେ ଆତ୍ମାର ଚେତନଶକ୍ତିରେ ଅଗମ୍ୟ ସ୍ଥାନକୁ ଚଢ଼ି ପ୍ରକୃତିପାର ପରମପ୍ରଭୁଙ୍କୁ ପ୍ରାପ୍ତ କରିନିଏ ।

**ଓ୍ୱିରହ ଲଗନ ଲଓ୍ୱ ସୁଖ ଲଗୀ,**
**ସହଜ ଅଖଣ୍ଡ ଅନାମ ।**
**ଅଚଲ ଅମୋଘ ଅଟୂଟ ମେଁ,**
**ପୂରଣ ସବ ଓ୍ୱିଧି କାମ ।।୪୦।।**

ଭାଷ୍ୟ - ଯେତେବେଳ ଚେତନ ଶବ୍ଦରେ ସ୍ୱାଭାବିକ ଏକରୂପରେ ବିରହର ଲଗ୍ନ ଲାଗିଯାଏ, ସେତେବେଳେ ସେହି ଅଚଳ, ଅତୁଟ ଓ ଅମୋଘ ଭକ୍ତିରେ ପୂର୍ଣ୍ଣ ରୂପରେ ସମସ୍ତ କାମ ସଫଳ ହୋଇଥାନ୍ତି । ମହାପ୍ରଭୁଙ୍କର ଭକ୍ତିରେ ଜୀବନର ସମସ୍ତ ଲକ୍ଷ୍ୟ ପୂରଣ ହେବାରେ ଲାଗେ - ଏହା ଭକ୍ତିର ମହିମା ଅଟେ । ଧର୍ମ, ଅର୍ଥ, କାମ, ମୋକ୍ଷ - ଚତୁର୍ବର୍ଗ ଫଳ ପ୍ରଦାନକାରୀ ସ୍ୱୟଂ ପ୍ରଭୁ ହିଁ ଅଟନ୍ତି ।

**ଅସ ରହନୀ ଘଟ ମାସ କୀ, ସହଜ**
**ଅଖଣ୍ଡ ସମାଧି ।**
**ସିଦ୍ଧ ହୋୟ ସୁଖଦାୟିନୀ, ଶବ୍ଦହିଁ**
**ଶବ୍ଦ ଅରାଧି ।।୪୧।।**

ଭାଷ୍ୟ - ଯେତେବେଳେ ଉପରୋକ୍ତ ବିଧିର ଅବଲମ୍ବନରେ ଅଷ୍ଟ ପ୍ରହର ଛଅ ମାସର ସ୍ୱାଭାବିକ ଅଖଣ୍ଡ ସମାଧି ହୁଏ ସେତେବେଳେ ନିରତି ଚେତନ ମଣ୍ଡଳରେ ଶବ୍ଦ ଅବରାଧନରେ ଶବ୍ଦ ହିଁ ଶବ୍ଦର ଅନୁଭବ ପ୍ରାପ୍ତି ହେବାରେ ଲାଗେ ଏବଂ ସୋମରସ-ପ୍ରବାହିନୀ ଅଖଣ୍ଡ-ସମାଧି ପୂର୍ଣ୍ଣ ହୋଇଯାଏ ।

**ସଦ୍‌ଗୁରୁ କୀ ପରସନ୍ନତା, ଫିର**
**ପ୍ରସନ୍ନ ପ୍ରଭୁ ହୋୟ ।**
**ତବ ନିଜ ଆତ୍ମ ପ୍ରସନ୍ନତା, ତବ**
**ୟହ ଧ୍ରୁଓ୍ୱ ପଦ ହୋୟ ।।୪୨।।**

ଭାଷ୍ୟ - ସଦ୍‌ଗୁରୁ ପ୍ରସନ୍ନ ହେଲେ ପ୍ରଭୁ ମଧ୍ୟ ପ୍ରସନ୍ନ ହୋଇଥାନ୍ତି ଓ ତାଙ୍କ ଦ୍ୱାରା ନିଜର ପ୍ରସନ୍ନତା ହୋଇଥାଏ, ସେତେବେଳେ ସମାଧି ଦ୍ୱାରା ପ୍ରଭୁପ୍ରାପ୍ତି ହୋଇଥାଏ ।

**ଉତ୍ତମ କିଟୀ ପୁରୁଷ କୀ, ୟହ**
**ଅଓ୍ୱଧୀ ଷଟ ମାସ ।**
**ମଧ୍ୟମ କୋଟୀ ସାଧକନ, ଅଧିକ**
**ସମୟ ଅଭ୍ୟାସ ।।୪୩।।**

ଭାଷ୍ୟ - ଏହି ଛଅ ମାସ ଅଖଣ୍ଡ ସମାଧିର ସମୟ ଉତ୍ତମ କୋଟି ପୁରୁଷଙ୍କର ଅଟେ । ମଧ୍ୟମ ଶ୍ରେଣୀର ସାଧକମାନଙ୍କ ନିମନ୍ତେ ଅଧିକ ସମୟ ଅଭ୍ୟାସରେ ଲାଗିଯାଏ ।

**ଜୈଁ୍ୟା ଜସ ଶୁଦ୍ଧ ସ୍ଥିତ୍ୱ ହୈ, ତୈଁ୍ୟା**
**ତସ ସମୟ ଓ୍ୱିକାସ ।**
**ନ୍ୟୂନାଧିକ କା ଭେଦ ହୈ, ଅଦମ**
**କନିଷ୍ଟ ଉଦାସ ।।୪୪।।**

ଭାଷ୍ୟ - ଉତ୍ତମ, ମଧ୍ୟମ, କନିଷ୍ଠ, ଅଧମ ଓ ଅଧମର ଅଧମ - ସାଧକମାନଙ୍କର ଏହିଭଳି ପାଞ୍ଚ ପ୍ରକାର କୋଟି ହୋଇଥାଏ । ଆତ୍ମା ଯେତିକି ପବିତ୍ର ସେତିକି ତାହାର ବିକାଶ ହୋଇଥାଏ । ସମୟର କମ ବେଶୀ ଭେଦ ଆତ୍ମାର ପବିତ୍ରତା ଅନୁକୂଳ ସାଧକମାନଙ୍କୁ ହୋଇଥାଏ । ଆତ୍ମା ଯେତିକି ପବିତ୍ର, ସେତିକି ହିଁ ସାଧନରେ ଶୀଘ୍ର ସଫଳତା ପ୍ରାପ୍ତ ହେବ । ଏହି ପ୍ରକାର କୋଟି ଭେଦ କାରଣରୁ ସମୟର ଭେଦ ହୋଇଯାଏ । ସୁତରାଂ ଅଧିକାରୀ ହେଲେ ପବିତ୍ରତାକୁ ଧାରଣ କରି ଯୋଗାଭ୍ୟାସରେ ପ୍ରବୃତ୍ତ ହେବା ଉଚିତ ।

**ଏକ ଜନ୍ମ ଦୋ ଜନମ ମେଁ,**
**କରତ ଯୋଗ ଅଭ୍ୟାସ ।**
**ଜନ୍ମ ଅନେକ ଉତ୍ଥାନ ମେଂ,**
**ଜିଓ୍ୱନ୍ମୁକ୍ତ ପଦ ଭାସ ।।୪୫।।**

ଭାଷ୍ୟ - ଅନେକ ଜନ୍ମରେ ଯୋଗ ସାଧନାର ବିକାଶ ହେବା ପରେ ସାଧକକୁ ଜୀବନ୍ମୁକ୍ତିର ଅବସ୍ଥା ପ୍ରାପ୍ତ ହୋଇଥାଏ ।

**ସନ୍ତ ବୀଜ ଓ୍ୱିନଶେ ନହିଁ, ଜୋ**
**ଯୁଗ ହୋୟ ଅନନ୍ତ ।**
**ନୀଚ ଊଁଚ ଗୃହ ଜନ୍ମ ଲେ, ବହୁରି**
**ସନ୍ତ କା ସନ୍ତ ।।୪୬।।**

ଭାଷ୍ୟ - ସଦ୍‌ଗୁରୁଙ୍କର ଜ୍ଞାନ ବୀଜ ନଷ୍ଟ ହୁଏ ନାହିଁ, ତାଙ୍କର ଜ୍ଞାନ ସଂସ୍କାର ଅନନ୍ତ କାଳ ପର୍ଯ୍ୟନ୍ତ ଚିତ୍ତରେ ରହିଥାଏ ଏବଂ କର୍ମାନୁସାରେ ଉଚ୍ଚ ନୀଚ କୁଳରେ ଜାତ ନେଇ ସୁଦ୍ଧ ସଦ୍‌ଗୁରୁ ପ୍ରାପ୍ତି ପରେ ପୁଣି ସଂସ୍କାର ଉଦୟ ହୋଇ ସଂସ୍କାରୀ ଆତ୍ମା ସନ୍ଥ ହୋଇଯାଆନ୍ତି ।

**ଗୃହ ଗୃହସ୍ଥ ସାଧନ କରେ, କମରା**
**ଏକ ଏକାନ୍ତ ।**
**ଓ୍ୱା ସରେହ ନିଜ ଖେତ ମେଁ,**
**ବାହର ସୁନ୍ଦର ଶାନ୍ତ ।।୪୭।।**

ଭାଷ୍ୟ - ଗୃହସ୍ଥ ଆଶ୍ରମରେ ରହୁଥିବା କର୍ମଯୋଗୀ ସାଧକ ନିଜ ଘରର ଏକାନ୍ତ କୋଠରୀରେ କିମ୍ବା ନିଜର ଖେତରେ ଅଥବା ବାହାରେ କୌଣସି ପଡ଼ିଆର ଶାନ୍ତ ସୁନ୍ଦର ସ୍ଥାନକୁ ଯାଇ ଯୋଗ ସାଧନା କରନ୍ତୁ ।

## ଫୁସଫୁସ୍ କର୍କଟ ଆଶଙ୍କା କମାଇବ ଦହି

**ନୂ**ଆ ଅଧ୍ୟୟନ ଅନୁସାରେ ଉଚ୍ଚ ମାତ୍ରାରେ ଫାଇବର ଯୁକ୍ତ ଖାଦ୍ୟ ଓ ଦହି ଫୁସଫୁସ କର୍କଟ ଆଶଙ୍କା ହ୍ରାସ କରିପାରେ । ଆମେରିକା, ୟୁରୋପ ଓ ଏସିଆର ପ୍ରାୟ ୧୪ ଲକ୍ଷ ବୟସ୍କଙ୍କ ଉପରେ ହୋଇଥିବା ବିଶ୍ଳେଷଣାତ୍ମକ ତଥ୍ୟ ଉପରେ ଅଧ୍ୟୟନ ଟି ଆଧାରିତ । ହୃଦରୋଗ ଓ ଗ୍ୟାଷ୍ଟ୍ରୋଇଣ୍ଟିନାଲ କର୍କଟ ମାମଲାରେ ଉଚ୍ଚ ମାତ୍ରାରେ ଫାଇବର ଓ ଦହି ବିଶେଷ ହିତକର ବୋଲି ପୂର୍ବ ଅଧ୍ୟୟନରୁ ପ୍ରମାଣିତ ହୋଇଛି । ତେବେ ସଦ୍ୟ ଅଧ୍ୟୟନରେ ସାମିଲ ପ୍ରତିଯୋଗୀ କେତେ ଫାଇବର ଯୁକ୍ତ ଖାଦ୍ୟ ଓ ଦହି ଖାଉଥିଲେ, ସେହି ଅନୁସାରେ ସେମାନଙ୍କୁ ୫ ଟି ଦଳରେ ବିଭକ୍ତ କରାଯାଇଥିଲା । ଯେଉଁମାନେ ପ୍ରଚୁର ମାତ୍ରାରେ ଦହି ଓ ଫାଇବର ଯୁକ୍ତ ଖାଦ୍ୟ ଖାଇଥିଲେ, ଆଦୌ ଦହି ଖାଉ ନ ଥିଲେ ଏବଂ କମ୍ ମାତ୍ରାରେ ଫାଇବରଯୁକ୍ତ ଖାଦ୍ୟ ଖାଉଥିବା ବ୍ୟକ୍ତିଙ୍କ ତୁଳନାରେ ସେମାନଙ୍କଠାରେ ଫୁସଫୁସ୍ କର୍କଟ ଆଶଙ୍କା ୩୩ ପ୍ରତିଶତ କମ୍ ଜଣାପଡିଲା । ଆମେରିକାର ୨୦୧୫-୨୦୨୦ ଖାଦ୍ୟ ନିୟମାବଳୀରେ ଏହାକୁ ସମର୍ଥନ କରାଯାଇଛି । ଉଚ୍ଚ ଫାଇବର ଓ ଦହିକୁ ଖାଦ୍ୟ ତାଲିକାରେ ସାମିଲ କରିବାକୁ ଏହା ସୁପାରିଶ ଦେଇଛି ବୋଲି ଭ୍ୟାନଡରବିଲ୍ଟ ଇନଗ୍ରାମ କ୍ୟାନସର ସେଣ୍ଟରର ଅଧ୍ୟୟନର ବରିଷ୍ଠ ଲେଖକ ସାଓ -ଓଉ ଶୁ କହିଛନ୍ତି ।



## କେତେ ଦରକାରୀ ପୋଦିନା ?

**ବା**ଡିବଗିଚାରେ ମିଳୁଥିବା ପୋଦିନା ଶରୀର ପାଇଁ ନିହାତି ଦରକାରୀ । ଏହାର ଅନେକ ଔଷଧ ଗୁଣ ରହିଥିବାରୁ ସମସ୍ତେ ଏହାର ବ୍ୟବହାର ସମ୍ପର୍କରେ ଜାଣିବା ଆବଶ୍ୟକ ।

ଗୋଟିଏ ଚାମଚ ପୋଦିନା ରସ ସହିତ ଲେମ୍ବୁ ରସ ଓ ମହୁ ମିଶାଇ ଦିନରେ ଦୁଇ/ତିନିଥର ପିଇଲେ ବଦହଜମୀ ଏବଂ ପିତ୍ତଦୋଷ କଟିଥାଏ ।

ପୋଦିନା ରସରେ ଚିନି ମିଶାଇ ପିଇଲେ ହାକୁଟି କମିଯାଏ । ପୋଦିନା ସେବନ ଦ୍ୱାରା ପରିସ୍ରା ପରିଷ୍କାର ହେବା ସହ ମହିଳାଙ୍କ ମାସିକ ଧର୍ମର ଅନିୟମିତତା ଦୂର ହୋଇଥାଏ ।



ପୋଦିନାର ସିଝା ପାଣିରେ ଲୁଣ ମିଶାଇ କୁଳି କଲେ କଣ୍ଠ ପରିଷ୍କାର ହୋଇଥାଏ ।

କାଶ ହେଲେ ପୋଦିନା ପତ୍ର ଓ ଅଦା ରସ ସହିତ ଟିକିଏ ମହୁ ମିଶାଇ ଚାଟିଲେ, କାଶ ଭଲ ହୋଇଥାଏ ।

ବିଷାକ୍ତ ପୋକ, ମଶା ଆଦି କାମୁଡିଲେ ପ୍ରାଥମିକ ଉପଚାର ଭାବେ ପୁଦିନା ପତ୍ରକୁ ବାଟି କ୍ଷତ ଜାଗାରେ ଲଗାନ୍ତୁ ।

ତଟକା ପୁଦିନାପତ୍ର ପ୍ରତିଦିନ ଚୋବାଇବା ଦ୍ୱାରା ଦାନ୍ତର ଜୀବାଣୁ ନଷ୍ଟ ହୋଇଯାଏ । ଏହାଛଡ଼ା ଦାନ୍ତ ସୁରକ୍ଷିତ ରହେ ।

ପୋଦିନା ପତ୍ର ସହିତ ଟିକିଏ ଗୋଲାପ ଡ଼ାଳ ଏବଂ ଲେମ୍ବୁ ରସ ମିଶାଇ ଲେପ ତିଆରି କରି ଶୋଇବା ପୂର୍ବରୁ ମୁହଁ ଧୋଇ ଲଗାଇ ଦିଅନ୍ତୁ । ସକାଳେ ସଜ ପାଣିରେ ମୁହଁ ଧୋଇ ଦେଲେ ବ୍ରଣ ଦୂର ହେବା ସହିତ ମୁହଁ ଉଜ୍ଜ୍ୱଳ ଦେଖାଯାଏ ।

## ଟିକିଏ ହସନ୍ତୁ

ଶିକ୍ଷକ ଗୋପୀକୁ: ଗୋଟେ ସୁନ୍ଦର ଶାୟରୀ ଶୁଣେଇଲୁ ।
ଗୋପୀ: 'ମୋଟା ମର୍‌ତା ମୋଟୀ ପେ' ଭୁଖା ମରତା ରୋଟି ପେ ।
ମାଷ୍ଟର ଜୀ କେ ହୈ ଦୋ ବେଟୀ ।
ମେଁ ମରତା ହୁଁ ଛୋଟି ପେ ।'

× × ×
×

ରାଜୁ ଡାକ୍ତରଙ୍କୁ: ମୋର କ'ଣ ହେଇଛି ?
ଡାକ୍ତର: ସୋନୋଗ୍ରାଫି କରିବାକୁ ପଡିବ ।
ରାଜୁ: ଆଜ୍ଞା ମୁଁ ଗରିବ ଲୋକ । ସୁନାଗ୍ରାଫି ନ କରି ରୁପାଗ୍ରାଫି କି ତମ୍ବାଗ୍ରାଫି କରି ଚଳେଇ ନିଅନ୍ତୁ ।

× × × ×

ମୋନୁ ପପୁକୁ: ମୋ ବାପା ନା ଭାରି ଡରକୁଳା ।
ପପୁ: ଏମିତି କାହିଁକି କହୁଛୁ ?
ମୋନୁ: ଜାଣିଛୁ ନା, ଆମେ ଯେତେବେଳେ ରାସ୍ତା ପାର୍ ହେଉ ମୋ ହାତକୁ ବାପା ଭିଡିକି ଧରନ୍ତି ।
ଆଉ କହନ୍ତି, ମୋ ହାତ ଜମା ଛାଡିବୁନି ।

× × × ×



ଚିଣ୍ଟୁ ସବୁବେଳେ ସ୍କୁଲ ବସ୍ ମିସ୍ କରେ ଓ ଲେଟରେ ପହଞ୍ଚେ । ଏହା ଦେଖି
ମିସ୍: ଚିଣ୍ଟୁ ତୁ ସବୁଦିନ ବସରେ ପିଲାଙ୍କ ସହ ମିଶିକି ନ ଆସି ପଛରେ ଏକୁଟିଆ କ'ଣ ପାଇଁ ଆସୁଛୁ ?
ଚିଣ୍ଟୁ: କାହିଁକି ନା, ମେଣ୍ଢାମାନେ ସବୁବେଳେ ଗୋଠରେ ଆସନ୍ତି । ସିଂହ ନୁହେଁ ।

× × × ×

ଦୁଇ ସାଙ୍ଗ ବୁଲିବାକୁ ଯାଇଥାନ୍ତି ।
ବାଟରେ କାର୍‌ର ପେଟ୍ରୋଲ ସରିଗଲା ।
ପ୍ରଥମ ସାଙ୍ଗ: ଆରେ ସାଙ୍ଗ ପେଟ୍ରୋଲ ସରିଗଲାରେ । ଗାଡି ଆଉ ଆଗକୁ ଯିବନି ।
ଦ୍ୱିତୀୟ ସାଙ୍ଗ: ହଉ ଠିକ୍ ଅଛି ।
ତା' ହେଲେ ଗୋଟେ କାମ କର, ଗାଡିର ରିଭର୍ସ ଗିୟର ପକା । ଆଉ ପଛୁଆ ପଛୁଆ ଘରକୁ ଚାଲ ।

× × × ×

ଗୋପୀ: କାଲି ମୁଁ ଗୋଟେ ରକେଟ୍ ଛାଡିଲି ଯେ, ସିଧା ଯାଇ ସୂର୍ଯ୍ୟ ଦେହରେ ବାଜିଲା ।
ମନୋଜ: ତା' ପରେ କ'ଣ ହେଲା ?
ଗୋପୀ: ନିର୍ଦ୍ଧୁମ ମାଡ଼ ।
ମନୋଜ: କିଏ ମାରିଲା ?
ଗୋପୀ: ସୂର୍ଯ୍ୟର ମା' ।

# ଅଁଳାର ଉପକାରିତା

**ଆ**ୟୁର୍ବେଦରେ ଅଁଳାର ଖୁବ୍ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ରହିଛି । ଅଁଳାରେ କେବଳ ଔଷଧୀୟ ଗୁଣ ଭରି ରହିଛି ତାହା ନୁହେଁ ଏହା ପୂଜା କ୍ଷେତ୍ରରେ ମଧ ବ୍ୟବହାର କରାଯାଇଥାଏ । ଅଁଳା ଗଛରେ ମହାଲକ୍ଷ୍ମୀ ବାସ କରନ୍ତି ତେଣୁ ଏହି ଗଛପୂଜା ଉପଯୋଗୀ । ଏଥିସବୁ ଅଁଳା ତ୍ୱଚା ପାଇଁ ଖୁବ୍ ଉପଯୋଗୀ ।

ଅଁଳାରେ ସବୁଠାରୁ ବଡ଼ ଗୁଣ ହେଉଛି ଯେ, ଏଥିରେ ରୋଗ ପ୍ରତିରୋଧକ କ୍ଷମତା ଅଧିକ ମାତ୍ରାରେ ରହିଥାଏ । ଯାହାଦ୍ୱାରା ଏହା ଆମ ଶରୀରରେ ଛୋଟ ବଡ଼ ରୋଗ ହେବାକୁ ଦିଏ ନାହିଁ । ରୋଗକୁ ଶୀଘ୍ର ଠିକ୍ କରି ଦେଇଥାଏ ।

ଅଁଳାରେ ଭିଟାମିନ୍ ସି'ର ସବୁଠାରୁ ଉତ୍ତମ ସ୍ରୋତ ରହିଛି । ଏଥିରେ ଭିଟାମିନ୍ ସି' ପ୍ରଚୁର ପରିମାଣରେ ରହିଛି । ୧୦୦ ଗ୍ରାମ ଅଁଳାରେ ୪୪୫ ମିଜି ଭିଟାମିନ୍ ସି' ତଥା ଆଣ୍ଟି ବ୍ୟାକ୍ଟେରିୟାଲ, ଆଣ୍ଟି କ୍ୟାନସର, ଆଣ୍ଟି ଇନଫ୍ଲେମେଟରୀ ଗୁଣ ଭରି ରହିଥାଏ ।

ଅଁଳା ନବମୀରେ ଅଁଳା ଗଛକୁ ପୂଜା କରାଯାଇଥାଏ । ଏହା ଏକ ଦେବ ଉପଯୋଗୀ ବୃକ୍ଷ ରୂପେ ପରିଚିତ ।

ଶନିଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଅଁଳା ବୃକ୍ଷ ମୂଳରେ ଶନିବାର ପୂଜା କରି ତେଲ ଦୀପ ଜଳାଇଲେ ଶନି ଦେବ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରିଥାନ୍ତି ।

ଚ୍ୟବନପ୍ରାଶ ତିଆରି କରିବାରେ ଅଁଳା ସବୁଠାରୁ ମୁଖ୍ୟ ସାମଗ୍ରୀ । ଏହା ଦ୍ୱାରା ସର୍ଦ୍ଦି ଥଣ୍ଡା, କାଶ ଆଦି ରୋଗ ହୋଇ ନଥାଏ । ଏହା ରକ୍ତରେ ହିମୋଗ୍ଲୋବିନ ଚଢ଼ାଇ ଥାଏ ଲିଭର, ଫୁସଫୁସ୍ ସୁସ୍ଥ ରଖିବା ସହିତ ରକ୍ତକୁ ସଫା କରିଥାଏ ।

ଅଁଳା ଆଖି ପାଇଁ ଖୁବ୍ ଲାଭଦାୟକ । ଏହା ଦୃଷ୍ଟିଶକ୍ତି ପ୍ରଖର କରିଥାଏ । ଅଁଳା ସେବନ କରିବା ଦ୍ୱାରା ମୋତିଆବିନ୍ଦୁ, ଅନ୍ଧାରକଣା, ଆଖିର ଅନ୍ୟ ରୋଗ ଆଦିରେ ସୁଧାର ଆସିଥାଏ । ଅଁଳା ଓ ମହୁ ସହିତ ଖାଇବା



ଦ୍ୱାରା ଦୃଷ୍ଟି ଶକ୍ତି ଉତ୍ତମ ହୋଇଥାଏ ଓ ଆଖି ସଂକ୍ରମଣର ଭୟ କମ ରହିଥାଏ ।

ଅଁଳା ବଢୁଥିବା କୋଲେଷ୍ଟ୍ରୋଲ ଲେବଲକୁ କମ କରିଥାଏ ରକ୍ତଚାପ ସାମାନ୍ୟ ରଖିଥାଏ । ଅଁଳା ଡାଇବେଟିଜ ରୋଗୀଙ୍କୁ ବ୍ଲଡ ସୁଗର ଲେବଲ ବାଲାନ୍ସ କରିବା କାମ କରିଥାଏ ।

ନିୟମିତ ରୂପରେ ଅଁଳା ରସ ପିଇବା ଫଳରେ ଶରୀରରେ ସମସ୍ତ ପ୍ରକାର ବିଷାକ୍ତ ତତ୍ତ୍ୱରୁ ମୁକ୍ତି ମିଳିଥାଏ । ଅଁଳା ସେବନ କରିବାରେ ଲାଲ ରକ୍ତ କୋଷିକା ବଢ଼ାଇ ଦେଇଥାଏ । ଅଁଳା ଅସ୍ଥି ମଜଭୁତ କରିଥାଏ ଓ ଅସ୍ଥି ରୋଗର ଆଶଙ୍କାକୁ କମ୍ କରିଥାଏ ।

ଅଁଳା ଜୁସ୍ ପିଇବା ଦ୍ୱାରା କିଡନୀ ଷ୍ଟୋନରୁ ଆରାମ ମିଳିଥାଏ, ଏଥିପାଇଁ ଅଁଳା ଜୁସ୍ ସେବନ କରନ୍ତୁ ।

ଏଥିରେ ରକ୍ତ ଶୁଦ୍ଧ କରିବାର ଶକ୍ତି ରହିଛି । ଏହି କାରଣରୁ ଦାଗ ଚିହ୍ନ, ବ୍ରଣ, ଥକାପଣ, ଦୁର୍ବଳତା ଆଦି ସମସ୍ୟା ଦୂର କରେ ଅଁଳା । ଅଁଳା ଜୁସ୍ ପିଇବା ଦ୍ୱାରା ବହୁ ପ୍ରକାର ସ୍କିନ୍ ସମସ୍ୟା ଦୂର ହୁଏ ଓ ତ୍ୱଚା ଉଜ୍ଜ୍ୱଳତା ଭରିଦିଏ ।

କେଶ ପାଇଁ ଅଁଳା ଖୁବ୍ ଲାଭଦାୟକ । ମେହେନ୍ଦି ସହିତ ଅଁଳା ପାଉଡରକୁ କେଶରେ ଲଗାଇଲେ କେଶ ମଜଭୁତ, ଘନ ଓ ଚମକଦାର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ଆଇରିସ୍ ଲେଖକ ବ୍ରାମ୍ ଷ୍ଟୋକର ହେଉଛନ୍ତି ଡ୍ରାକୁଲାର ମୂଳ ଲେଖକ ।
- ୧୯୭୫ ମସିହାରେ ସ୍ପେନୀୟ ସହରବାର୍ସେଲୋନୋରେ ଜନ୍ ମାରିଓ ମ୍ୟୁଜିୟମ୍ ଖୋଲା ଯାଇଥିଲା ।
- ମାନବସତ୍ତାର ଗୁଣବତ୍ତା ବୃଦ୍ଧି ତଥା ଅଧୟନକୁ ୟୁଜେନିକ୍ସ କୁହାଯାଏ ।
- ଭାରତ ପୃଥିବୀର ମାତ୍ର ୨.୪% ପ୍ରତିଶତ ସ୍ଥଳଭାଗରେ ଅବସ୍ଥିତ ।
- ଉପଗ୍ରହ ତଥ୍ୟ ଅନୁଯାୟୀ ଭାରତରେ ଥିବା ଜଙ୍ଗଲ କ୍ଷୟ ହେବାରେ ଲାଗିଛି ।
- ଆମ ଦେଶରେ ସବୁଠାରୁ ଅଧିକ ଜଙ୍ଗଲ ଅଞ୍ଚଳ ମଧପ୍ରଦେଶରେ ରହିଛି ।
- ଯୁବା ହାତୀ ସେମାନଙ୍କ ଲମ୍ୱା ନାକକୁ ମଣିଷଙ୍କ ଭଳି ସୁଁ ସୁଁ କରନ୍ତି । ଏଭଳି କରି ସେମାନେ ଆରାମ ପାଆନ୍ତି ।
- ହାତୀ ଚର୍ମର ମୋଟେଇ ଏକ ଇଞ୍ଚ ।
- ହାତୀମାନେ ପରସ୍ପର ସହ ଯୋଗାଯୋଗ ରକ୍ଷା କରିବା ପାଇଁ ଭୂଇଁରେ ପାଦ କଚାଡି ଏକ ପ୍ରକାର ଶବ୍ଦ ତରଙ୍ଗ ସୃଷ୍ଟି କରନ୍ତି ।
- ହାତୀଗୋଠରୁ କୌଣସି ହାତୀ ହଜିଗଲେ କି ମରିଗଲେ ଏମାନେ ନିଜ ଭିତରେ ସମାଧୀ ଉତ୍ସବ ପାଳନ କରନ୍ତି । ଗୋଟିଏ ଜାଗାରେ ଏକତ୍ର ଘଣ୍ଟା ଘଣ୍ଟା ଧରି ନିରବରେ ଠିଆ ହୋଇ ରହନ୍ତି ।
- ଗୋଟିଏ ହାତୀ ପ୍ରତ୍ୟେକ ଦିନ ୧୫୦ କି.ଗ୍ରା ତାଳପତ୍ର ଖାଇଥାଏ ।
- ହାତୀର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ୬ ରୁ ୭ ଥର ଦାନ୍ତ ଉଠିଥାଏ ।
- ନିଜକୁ ଶୀତଳ ରଖିବା ପାଇଁ ହାତୀ କାନ ହଲାଇଥାଏ ।

## ଔଷଧରେ ଭରପୁର ଟମାଟୋ

**ଟ**ମାଟୋକୁ ସୁପରଫୁଡ୍ କୁହାଯାଏ । ଏହା ବିଟା କ୍ୟାରୋଟିନ୍, ଭିଟାମିନ୍ ସି ଓ ଲାଇକୋପିନ ଦ୍ୱାରା ସମୃଦ୍ଧ । ଲାଇକୋପିନ ସ୍କିନର ଯତ୍ନ ପାଇଁ ମୁଖ୍ୟକାମ କରିଥାଏ ।



ସ୍କିନରେ ଚମକ ଆଣିବାକୁ ହେଲେ ସବୁଠାରୁ ଉତ୍କୃଷ୍ଟ ଉପାୟ ହେଲା ଟମାଟୋକୁ ଖାଦ୍ୟରେ ବ୍ୟବହାର କରନ୍ତୁ ।

ଯଦି ଆପଣଙ୍କ ସ୍କିନର ପୋର୍ସ ଖୋଲିଯାଇଛି ତେବେ ଟମାଟୋ ଜୁସ୍ ପିଇବା ଉଚିତ୍ ବା ଏହାକୁ ଚେହେରାରେ ଲଗାଇବା ଉଚିତ୍ । ଟମାଟୋ ଜୁସ୍ ଚେହେରା ପାଇଁ ଏଷ୍ଟ୍ରିଜେଣ୍ଟ ଭାବରେ କାମ ଦେଇଥାଏ । ଏକ ଚାମଚ ଟମାଟୋ ଜୁସରେ ଚାରି ପାଞ୍ଚ ବୁନ୍ଦା ଲେମ୍ବୁରସ ମିଶାଇ ମୁହଁରେ ଲଗାନ୍ତୁ । କିଛି ସମୟ ପରେ ଅଳ୍ପ ଗରମ ପାଣିରେ ମୁହଁ ଧୋଇ ଦିଅନ୍ତୁ ।

ବ୍ଲାକହେଡ୍ ପ୍ରଭାବିତ ସ୍ଥାନରେ ଟମାଟୋକୁ କାଟି ସେ ସ୍ଥାନରେ ଲଗାଇଲେ ଆପଣ ସେ ସମସ୍ୟାରୁ ମୁକ୍ତ ପାଇ ପାରିବେ ।

ଅଧୟନରୁ ଜଣାପଡିଛି ଟମାଟୋ ନାଚୁରାଲ ସନସ୍କିନ ଭାବରେ କାମ କରିଥାଏ । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲାଇକୋପିନ ଅଲଟ୍ରା ଭାଓଲେଟ୍ କିରଣରୁ ସ୍କିନକୁ ରକ୍ଷା କରେ ।

ଟମାଟୋରେ ଭିଟାମିନ୍ ସି' ସହିତ ଆଣ୍ଟିଅକ୍ସିଡେଣ୍ଟ ଗୁଣ ଥାଏ । ସେଥିପାଇଁ ଟମାଟୋ ଖାଇବା ଦ୍ୱାରା ସେଇ ଡ୍ୟାମେଜ ଫ୍ରି ରେଡିକଲର ମାତ୍ରା କମ୍ ହୋଇଥାଏ ଓ ଆପଣଙ୍କୁ ସୁସ୍ଥ ଚେହେରା ମିଳିବ ।

ଟମାଟୋରେ ଥିବା ଏସିଡ୍ ବ୍ରଣକୁ କମ୍ କରିବା ଓ ସ୍କିନକୁ ସଫା କରିବାରେ ସାହାଯ୍ୟ କରିଥାଏ । ଏଥିରେ ଥିବା ଭିଟାମିନ୍ ଏ ଓ ସି'କୁ ସାମାନ୍ୟ ଆଣ୍ଟିଅକ୍ସିଡେଣ୍ଟ ଭାବରେ ଗ୍ରହଣ କରାଯାଏ । ଏହା ଚେହେରା ଫୁଲିଯାଉଥିଲେ ତାହାକୁ କମ୍ କରିବାରେ ସାହାଯ୍ୟ କରିଥାଏ ।

## ବହୁ ଉପକାରୀ ଅଦା

ପ୍ରତିଦିନ ସକାଳେ ଖଣ୍ଡେ ଅଦା ଚୋବାଇବା ସହିତ ଗ୍ଲାସେ ଉଷୁମ ପାଣି ପିଇଲେ ଅନେକ ଫାଇଦା ମିଳିଥାଏ । ଏହା ରକ୍ତ ସଞ୍ଚାଳନ ପ୍ରକ୍ରିୟାକୁ ସ୍ୱାଭାବିକ କରିବା ସହିତ କୋଲେଷ୍ଟରଲ ସ୍ତର ନିୟନ୍ତ୍ରିତ କରେ । ଫଳରେ ହାର୍ଟଆଟାକ୍‌ରୁ ମୁକ୍ତି ମିଳିଥାଏ । ଏହା ନିଦ୍ରାହୀନତାରୁ ମୁକ୍ତି ଦେବା ସହିତ ଶାରୀରିକ ଦୁର୍ବଳତାକୁ ମଧ ଦୂର କରେ ।



## ବାଇଗଣ ଖାଇଲେ ଶର୍କରା ନିୟନ୍ତ୍ରଣ ହେବ

**ବି**ଭିନ୍ନ ପନିପରିବା ମଧରୁ ବାଇଗଣ ହେଉଛି ଅନ୍ୟତମ । ଏହି ପରିବାକୁ କିଏ ପୋଡି ଖାଏ ତ କିଏ ତରକାରି କରି ଖାଏ । ବାଇଗଣରେ ବିଭିନ୍ନ ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ ବି ପ୍ରସ୍ତୁତ କରାଯାଏ । ଏସବୁକୁ ବାଦ ଦେଲେ ଏହା ଆମର ଚିକିତ୍ସା କ୍ଷେତ୍ରରେ ବହୁ ଉପକାରୀ ସାବ୍ୟସ୍ତ ହୋଇଥାଏ । କିଛି ଲୋକ ଏହି ପରିବାକୁ ନାପସନ୍ଦ କରୁଥିବାରୁ ଏବେଠାରୁ ଏହାକୁ ନିଜ ଖାଦ୍ୟରେ ସାମିଲ କରନ୍ତୁ । ବିଶ୍ୱର ପ୍ରତି ୧୦ ଜଣରେ ୫ ଜଣ ବ୍ୟକ୍ତି ବାଇଗଣ ଖାଇଥାନ୍ତି । ସବୁଠାରୁ ଅଧିକ ଜାପାନ ଓ ଭାରତରେ ଏହି ପରିବାର ବ୍ୟବହାର ହୋଇଥାଏ । ଜାପାନରେ ଏହାକୁ ଆମିଷ ତରକାରି ସହ ରନ୍ଧାଯାଏ । ନିକଟରେ ଆମେରିକୀୟ ଗବେଷକ କରିଥିବା ସେମାନଙ୍କ ଗବେଷଣାରୁ ନିଶ୍ଚିତ ହୋଇଛନ୍ତି ଯେ ଦୈନିକ ବାଇଗଣ ଖାଇବା ଶରୀର ପାଇଁ ଭଲ । ବାଇଗଣ ଭର୍ତ୍ତାରେ ଛୋଟ ଚାମଚରେ ଏକ ଚାମଚ ମହୁ ମିଶାଇ ଖାଇଲେ ସୁନିଦ୍ରା ହୁଏ । ତରକାରିରେ ଏହା ଖାଇବା ଖୁବ ଲାଭପ୍ରଦ । ବାଇଗଣ ସୁପରେ ହେଙ୍ଗୁ ଓ ରସୁଣ ସମପରିମାଣରେ ମିଶାଇ ପିଇଲେ ଅମ୍ଳ ରୋଗରୁ ରକ୍ଷାମିଳେ । ଏହାକୁ ନିୟମିତ ଖାଇଲେ ଶର୍କରା ନିୟନ୍ତ୍ରଣରେ ରହିଥାଏ ବୋଲି ଗବେଷକମାନେ କହିଛନ୍ତି ।



## ଏସି ଲଗାଇଲେ ଆସେନା ସୁଖନିଦ୍ରା

**କ**ବାଟ, ଝରକା ଖୋଲାଥିବା ଶୟନ କକ୍ଷ ସୁଖ ନିଦ୍ରା ଦିଏ ବୋଲି ଗବେଷକ କହିଛନ୍ତି । ଶୋଇବା ପୂର୍ବରୁ ଶୟନ କକ୍ଷର କବାଟ ଝରକା ଖୋଲା ରହିଲେ ଭିତରେ ଥିବା ଅଙ୍ଗାରକାମ୍ଳ ମାତ୍ରା କମି ଯାଇଥାଏ । ଫଳରେ କକ୍ଷରେ ଅମ୍ଳଜାନ ମାତ୍ରା ବୃଦ୍ଧି ପାଇଥାଏ । ଏହାଦ୍ୱାରା ଏକ ଶାନ୍ତ ପରିବେଶ ସୃଷ୍ଟି ହୋଇଥାଏ । ଯାହାକି ସୁଖ ନିଦ୍ରା ଆଣିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ଏସି ଲଗାଇ ଶୋଇଲେ ସୁଖ ନିଦ୍ରା ଆସି ନ ଥାଏ । ଏସି ଲଗାଇବା ଦ୍ୱାରା ଶୟନ କକ୍ଷରେ ମୁକ୍ତ ବାୟୁ ଚଳାଚଳରେ ବ୍ୟାଘାତ ସୃଷ୍ଟି ହୋଇଥାଏ । ଫଳରେ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡେ । ଅପରପକ୍ଷରେ କବାଟ, ଝରକା ଖୋଲା ରଖିଲେ ବାୟୁ ଚଳାଚଳ ଯୋଗୁଁ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡିଥାଏ । ଫଳରେ ମନରେ ଆନନ୍ଦ ଉତ୍ପନ୍ନ ହେବା ସହିତ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଆବଶ୍ୟକ ପରିମାଣର ବିଶ୍ରାମ ପାଇଥାନ୍ତି । ଏହା ସହିତ ମସ୍ତିଷ୍କରୁ ନାନା ପ୍ରକାର ଦୁଶ୍ଚିନ୍ତା ଦୁରେଇ ଯାଇଥାଏ ବୋଲି ଏହି ରିପୋର୍ଟରେ ଦର୍ଶାଯାଇଛି ।

## କହିପାରିବେ କି ?

(୧) ଶରୀରର କେଉଁ ଦୁଇଟି ଅଙ୍ଗ ଆମ ଶେଷ ଜୀବନ ପର୍ଯ୍ୟନ୍ତ ବୃଦ୍ଧି ପାଇଥାଏ ?
(୨) ରକ୍ତଚାପ ମପା ଯାଉଥିବା ଯନ୍ତ୍ରର ନାମ କ'ଣ ?
(୩) ପୃଥିବୀର ବାୟୁମଣ୍ଡଳରେ କେଉଁ ଗ୍ୟାସ୍ ଅଧିକ ମାତ୍ରାରେ ରହିଛି ?
(୪) କାହାକୁ ବୁଦ୍ଧିମାନ ପକ୍ଷୀ କୁହାଯାଏ ?
(୫) ଗ୍ଲୋବାଲ୍ ୱାର୍ମିଂର କାରଣ କେଉଁ ଗ୍ୟାସ୍ ଅଟେ ?
(୬) ବିଶ୍ୱର ବୃହତ୍ତମ ଘଞ୍ଚ ଜଙ୍ଗଲର ନାମ କ'ଣ ?
(୭) ଆଫ୍ରିକାର କେଉଁ ଦେଶ ଚକୋଲେଟ୍ ପାଇଁ ପ୍ରସିଦ୍ଧ ?
(୮) ପବନର ବେଗ ମପାଯାଉଥିବା ଯନ୍ତ୍ରର ନାମ କ'ଣ ?
(୯) ପୃଥିବୀର କ୍ଷୁଦ୍ର ମହାଦେଶ କିଏ ?
(୧୦) ଇନ୍ଦ୍ରଧନୁର ଶୀର୍ଷରେ କେଉଁ ରଙ୍ଗ ଥାଏ ?

### JUMBLE WORDS

| | | | |
|---|---|---|---|
| 1) SETUI | = | 6) FWREA | = |
| 2) DLAMY | = | 7) MYCLPO | = |
| 3) EETRTL | = | 8) TURVIE | = |
| 4) PLOJYA | = | 9) NOYME | = |
| 5) IRPVE | = | 10) DLAAS | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧. କୋଲକାତା, ୨. କ୍ରିକେଟ, ୩. ଅଙ୍ଗାରକାମ୍ଳ, ୪.କୋଲୋଷ୍ଟେରଲ, ୫. ଜମ୍ମୁକାଶ୍ମୀର, ୬. ପାଦ ଆଗରେ, ୭.ଅଗଷ୍ଟ ୧, ୮. ଯମୁନୋତ୍ରୀ ଗ୍ଲାସିୟର, ୯.କ୍ରୀଡ଼ା, ୧୦. ଏମ୍.ଏସ୍.ଧୋନୀ ।

***Jumble Words*** ର ଉତ୍ତର **:-**

(1) FORTY (2) TOOTH (3) MENACE (4) SCURRY (5) WITCH (6) MUGGY (7) NESTLE (8) EVOLVE (9) AGENT (10) PROXY

## ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନ ଯଜ୍ଞ ଉଦ୍‌ଯାପିତ

ଝାରସୁଗୁଡା: ଝାରସୁଗୁଡା ସଦର ବ୍ଲକ ଅନ୍ତର୍ଗତ ହିର୍ମା ଗ୍ରାମ ପଂଚାୟତର ହିର୍ମା ଗ୍ରାମରେ ଜାନୁଆରୀ ୩୦ ତାରିଖ ଠାରୁ ଚାଲିଥିବା ସଂଗୀତମୟ ଶ୍ରୀମଦ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଛତିଶଗଡ ନିବାସୀ ପଣ୍ଡିତ ଶ୍ରୀ ଆୟୁଷ୍ମାନଜୀ ମହାରାଜ ଭାଗବତ ତଥା ପ୍ରବଚନ ଦେଇଥିବା ବେଳେ ବିନୋଦ ତିୱାରୀ, ଅନିଲ ସାହୁ, ଆଶିଷ ପଣ୍ଡା, ଲୋଚନ ତିୱାରୀ ଏବଂ ସତ୍ୟମ ତିୱାରୀ ଶାସ୍ତ୍ରିକ ଯଜମାନରୂପେ କାର୍ଯ୍ୟ ସଂପାଦନ କରୁଥିଲେ ।ଶେଷ ରେ ସମସ୍ତ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଥିଲା ।

## ପୁରୀରେ ଶୀତଲ କୁସୁମ ଓ ସ୍ୱାଗତିକା ଜୟପୁରିଆ ସମ୍ବର୍ଦ୍ଧିତ

ଝାରସୁଗୁଡା: ପୁରୀରେ ଅନୁଷ୍ଠିତ ଦୁଇ ଦିନିଆ ରାଜ୍ୟ ସ୍ତରୀୟ ସଖୀ ଓ ସହେଲୀ ସମ୍ମିଳନୀ ସମାରୋହରେ ଝାରସୁଗୁଡ଼ାର ଶୀତଳ କୁସୁମ ଓ ସ୍ୱାଗତିକା ଜୟପୁରିଆ ସମ୍ବର୍ଦ୍ଧିତ ହୋଇଛନ୍ତି । ଉଭୟଙ୍କୁ ଏଥିପାଇଁ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୂଣ୍ୟବତୀ ହେଲେନ ଖେସ ଓ ଜିଲ୍ଲା ବାଲ୍ୟବିବାହ ସଂଯୋଜକ ବିଦ୍ୟାଧର ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି ।

## ବି.ଏମ୍. ପଟ୍ଟନାୟକ ୟୁପି ସ୍କୁଲର ବାର୍ଷିକୋତ୍ସବ

ସମ୍ବଲପୁର : ବ୍ରଜମୋହନ ପଟ୍ଟନାୟକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୁସ୍ମିତା ପାଢୀଯୋଶୀ, ରମେଶ ଚନ୍ଦ୍ର ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜଲକ୍ଷ୍ମୀ ପଣ୍ଡା, ବିଦ୍ୟାଳୟର ପୁରାତନ ଛାତ୍ର ସନ୍ତୋଷ କୁମାର ଦାସ, ଶାନ୍ତନୁ ପଟ୍ଟନାୟକ ଓ କୈଳାଶ ମିସ୍ତ୍ରୀ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ପବିତ୍ର କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ନିର୍ମଳା ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ । ଅଶୀମ ପ୍ରଧାନ ଓ ପୁଷ୍ପାଞ୍ଜଳି ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ଶାନ୍ତନାମୟୀ ଷଡ଼ଙ୍ଗୀ, ଶ୍ରାବଣୀ ବେହେରା, ବନ୍ଦନା କୁମ୍ଭାର, ଲକ୍ଷ୍ମୀରାଣୀ ସାହୁ ଓ ଡିଲେଶ୍ୱରୀ ବାଗ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରେ ରାଧେଶ୍ୟାମ ରଣାଙ୍କ ପରିଚାଳନାରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

## ଝାରସୁଗୁଡ଼ା ସଂଜୀବନୀ ହସ୍ପିଟାଲରେ ଆଇସିୟୁ ଉଦ୍‌ଘାଟିତ




ଝାରସୁଗୁଡା: ସଂଜୀବନୀ ମଲ୍ଟି-ସ୍ପେସିଆଲିଟି ହସ୍ପିଟାଲ ରେ ଆଧୁନିକ ଇଣ୍ଟେନ୍ସିଭ୍ କେର ୟୁନିଟ୍ (ଆଇସିୟୁ) ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନ ସମାରୋହରେ ଶ୍ରୀ ଅଶୋକ ଗାନ୍ଧୀ, ଡାକ୍ତର ଶିବ କୁମାର ଲାଠ୍ ଓ ଶ୍ରୀମତୀ ପ୍ରେମଲତା ସାକୁନିଆ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଝାରସୁଗୁଡା ବିଧାୟକ ଶ୍ରୀ ଟଙ୍କଧର ତ୍ରିପାଠୀ ଏକ ଭିଡିଓ ସନ୍ଦେଶ ମାଧ୍ୟମରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅଭିନନ୍ଦନ ଜଣାଇବା ସହ ହସ୍ପିଟାଲର ଏହି ଉଲ୍ଲେଖନୀୟ ଅଗ୍ରଗତି ପାଇଁ ଶୁଭେଚ୍ଛା ଜଣାଇଥିଲେ । ସଂଜୀବନୀ ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ପୁରୁଷୋତ୍ତମ ଅଗ୍ରୱାଲ, ଶ୍ରୀ ନରେଶ ଗନେରିୱାଲ ଓ ଶ୍ରୀମତୀ ବନ୍ଦନା ଅଗ୍ରୱାଲ ଉପସ୍ଥିତ ଥିଲେ । ଡାକ୍ତର ନିର୍ବାନ ଅଗ୍ରୱାଲ, ଡାକ୍ତର ବବିତା ରାମାନୀ, ଡାକ୍ତର ଅସୀମ କୁମାର ମହାନ୍ତି ଓ ଡାକ୍ତର ମିନାକ୍ଷୀ ପ୍ରଧାନ ରୋମାନି ଅଗ୍ରୱାଲ ଏବଂ ଶୋଭନା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଝାରସୁଗୁଡ଼ାରେ ଜିଲ୍ଲାସ୍ତରୀୟ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ



ଝାରସୁଗୁଡ଼ା : ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଆଗାମୀ ଦିନରେ ଗ୍ରାମାଞ୍ଚଳ ବିକାଶରେ ସହାୟକ ହେବ ବୋଲି ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି । ଖୋର୍ଦ୍ଧା ଜଙ୍କିଆଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟମନ୍ତ୍ରୀ ଯୋଜନାକୁ ଶୁଭାରମ୍ଭ କରିଥିବା ବେଳେ ଝାରସୁଗୁଡା ବେହେରାମାଲସ୍ଥିତ ଏମ୍‌ସିଏଲ୍ କମ୍ୟୁନିଟି ହଲ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଯୋଗଦେଇ ସମାବେଶକୁ ଉଦ୍‌ଘାଟନ କରିଥିଲେ । ବିଧାୟକ ଟଙ୍କଧର ତ୍ରିପାଠୀ ଏଥିରେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ । ଜିଲ୍ଲାପାଳ ଅବୋଲୀ ସୁନିଲ ନରୱଣେ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ରାଜସ୍ୱ ମନ୍ତ୍ରୀ କେନ୍ଦ୍ର ସରକାରଙ୍କ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଦଶ ଜଣ ଅନାଥ ଶିଶୁଙ୍କୁ ମାସିକ ଚାରି ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଆରକ୍ଷୀ ଅଧିକ୍ଷକ ସ୍ମିତ ପି ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରବୀର କୁମାର ନାୟକ ସମ୍ମାନିତ ଅତିଥି ଭାବରେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଅଧକ୍ଷ, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ, ସମିତି ସଭ୍ୟ ପ୍ରମୁଖ ଯୋଗଦାନ କରିଥଲେ । ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁତ୍ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁର ଜିଲ୍ଲାପାଳଙ୍କ ଉନ୍ନୟନ କାର୍ଯ୍ୟ ତଦାରଖ

ସମ୍ବଲପୁର : ପୂର୍ତ୍ତ ବିଭାଗ ପକ୍ଷରୁ ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ଗୁଡ଼ିକ କିଭଳି ଚାଲିଛି, ପ୍ରକଳ୍ପ ଗୁଡ଼ିକ ଠିକଣାଭାବେ କାର୍ଯ୍ୟକାରୀ ହେଉଛି ନା ନାହିଁ, ସ୍ଥାନୀୟ ଜନସାଧାରଣଙ୍କ କିଛି ଆପତ୍ତି ଅଭିଯୋଗ ରହିଛି ନା ନାହିଁ ସମସ୍ତ ବିଷୟକୁ ଅନୁଧ୍ୟାନ କରିବା ପାଇଁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି । ଜେଲଖାନା ଛକରୁ ଗୋବିନ୍ଦଟୋଲା ପର୍ଯ୍ୟନ୍ତ ନିର୍ମାଣ ଚାଲିଥିବା ରାସ୍ତା ସହ ମୁଦିପଡ଼ା, ଫାର୍ମରୋଡ ଅଞ୍ଚଳରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ତଦାରଖ କରିଥିଲେ । ଏଥି ସହିତ ଅଞ୍ଚଳବାସୀଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ବାବଦରେ ଅବଗତ ହୋଇଥିଲେ । ଅନେକ ପ୍ରକଳ୍ପର କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବାରୁ କେଉଁ କାରଣ ପାଇଁ ଏଭଳି ସ୍ଥିତି ଉପୁନ୍ନ ହୋଇଛି ଓ ସମସ୍ୟା କ'ଣ ରହିଛି ଏନେଇ ମଧ ଅଧିକାରୀମାନଙ୍କ ଠାରୁ ଅବଗତ ହୋଇଥିଲେ । ଏହି ପରିଦର୍ଶନ ସମୟରେ ମହାନଗର ନିଗମ ଆୟୁକ୍ତ ବେଦଭୂଷଣଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ଏଲ୍‌ଏନ୍ କଲେଜରେ କେନ୍ଦ୍ର ବଜେଟ ଉପରେ ଆଲୋଚନାଚକ୍ର

ଝାରସୁଗୁଡ଼ା : ୨୦୨୫-୨୬ ବଜେଟ୍ ଉପରେ ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ ଆଲୋଚନାଚକ୍ର ଅଧାପିକା ସ୍ୱାଗତିକା ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଛି । ଏଥିରେ ଅର୍ଥନୀତି ବିଭାଗ ମୁଖ୍ୟ ପ୍ରାଧାପକ ତପନ କୁମାର ବାରିକ ଯୋଗଦେଇ ବଜେଟର ସାମଗ୍ରିକ ଉଦ୍ଦେଶ୍ୟ ଉପରେ ଆଲୋଚନା କରିଥିଲେ । ଛାତ୍ରୀ ଜ୍ୟୋତି ପଟେଲ ବଜେଟରେ ଆୟକର, ପୂଜା ସିଂ ପ୍ରତିରକ୍ଷା ବିଭାଗର ଖର୍ଚ୍ଚ, ସ୍ୱାସ୍ଥ୍ୟ ସେବା ଉପରେ ପାର୍ଥ ଶର୍ମା, ଛାତ୍ର ପ୍ରଶାନ୍ତ ଏକ୍କା ଓ ନୟନ ଶର୍ମା ବାଣିଜ୍ୟ ଓ ଶିଳ୍ପ, ଛାତ୍ରୀ ଲୋପାମୁଦ୍ରା ପାଣି କୃଷି କ୍ଷେତ୍ର ବିକାଶ, ଆଦିତ୍ୟ ପାଲ ଶିକ୍ଷା ଓ ଷ୍ଟକ୍ ମାର୍କେଟ, ଆୟୁଷ ସାହୁ ଏମ୍‌ଏସ୍‌ଏମ୍‌ଇ ଓ କୁନାଲ ଶର୍ମା, ନିଗାର ବେଗମ ଏବଂ ଗୀତାଞ୍ଜଳି ଜେନା କୃଷି କ୍ଷେତ୍ର ଅବସ୍ଥା ଉପରେ ଆଲୋଚନା କରିଥିଲେ । ଅଧାପକ ଡକ୍ଟର ଦେବୀପ୍ରସାଦ ବେହେରା, ଅଧାପିକା ଶ୍ରୀୟାଲକ୍ଷ୍ମୀ ପଣ୍ଡା, ଅଧାପକ ହିମାଂଶୁ ଶେଖର ମହାକୁଡ଼, ଅଧାପକ ଅରୁଣ କେଶରୀ ଓ ଅଧାପକ ଶେଖ୍ ଆଝାର ଇକବଲ୍ ଭାଗନେଇ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ । ଯୁକ୍ତ ତିନି ପ୍ରଥମ ବର୍ଷ ଛାତ୍ର ଅଭିନବ ସରାଓଗି ଧନ୍ୟବାଦ ଅର୍ପଣ କରିଥିଲେ ।

## ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ହୋମଲୋନ ଏକ୍ସପୋ ଉଦ୍‌ଘାଟିତ



ସମ୍ବଲପୁର : ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ହୋମଲୋନ ଏକ୍ସପୋ ଉଦ୍‌ଘାଟିତ ହୋଇଛି । ସମ୍ବଲପୁର ପିଡି ଡିଆର୍‌ଡିଏ ପ୍ରଶନ୍ନ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି । ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଶିଷ୍ଟ ବ୍ୟବସାୟୀ ଅଶୋକ କୁମାର ଜଲାନ, ଓମ ପ୍ରକାଶ ଶାଙ୍ଖୋଲିଆ, ଶଙ୍କରଲାଲ ଅଗ୍ରୱାଲ, ମନୋହରଲାଲ ଟିବ୍ରେୱାଲ, ସୁନୀଲ ଅଗ୍ରୱାଲ ଅତିଥି ରୂପେ ଯୋଗ ଦେଇଥିଲେ । ସମ୍ବଲପୁର ମଣ୍ଡଳ ମଣ୍ଡଳ ପ୍ରମୁଖ ଅଜିତ କୁମାର ମେହେର ଏହି ଏକ୍ସପୋର ଆବଶ୍ୟକତା ଓ ଉପଯୋଗିତା ସମ୍ବନ୍ଧରେ ବୁଝାଇଥିଲେ । ଏହାକୁ ସେ ଲୋକାଭିମୁଖୀ ହେବାର ଏକ ଅନ୍ୟତମ ପ୍ରୟାସ ବୋଲି ପ୍ରକାଶ କରିଥିଲେ ।

## ସମ୍ବଲପୁରର ୩ ଏସଡିପିଓ ବଦଳିଲେ

ସମ୍ବଲପୁର : ସମ୍ବଲପୁର ଜିଲ୍ଲାର ୩ ଉପଖଣ୍ଡ ପୁଲିସ ଅଧିକାରୀଙ୍କ ବଦଳି ହୋଇଛି । ସଦର, ବୁର୍ଲା ଏବଂ କୁଚିଣ୍ଡାର ଏସଡିପିଓଙ୍କ ବଦଳି ହୋଇଥିବା ନେଇ ପୁଲିସ୍ ହେଡକ୍ୱାର୍ଟର ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ସଦର ଏସଡିପିଓ ତୋଫାନ ବାଗଙ୍କୁ ଲକ୍ଷ୍ମୀପୁରକୁ ଏସଡିପିଓ ଭାବେ ବଦଳି କରାଯାଇଛି । ହେଲେ ତାଙ୍କ ସ୍ଥାନରେ କାହାକୁ ନିଯୁକ୍ତି ଦିଆଯାଇ ନାହିଁ । ବୁର୍ଲା ଏସଡିପିଓ ଅମ୍ବିତ ମହାନ୍ତିଙ୍କୁ ଏସଡିପିଓ ପାନପୋଷ ସୁନ୍ଦରଗଡ଼କୁ ବଦଳି କରି ତାଙ୍କ ସ୍ଥାନରେ ସମ୍ବଲପୁର ଡିଆଇବି ଡିଏସପି ବାଲେଶ୍ୱର ଗିଡ୍ଡିଙ୍କୁ ନିଯୁକ୍ତି ଦିଆଯାଇଛି । ସେହିପରି କୁଚିଣ୍ଡା ଏସଡିପିଓ ଅମିତାଭ ପଣ୍ଡାଙ୍କୁ ଗଜପତି ଜିଲ୍ଲା ମୁଖ୍ୟାଳୟକୁ ଡିଏସପି ଭାବେ ପଠାଯାଇଛି । ତାଙ୍କ ସ୍ଥାନରେ ଆଇୟୁସିଏଡବ୍ଲ୍ୟୁ ଡିଏସପି ପ୍ରଦୀପ କୁମାର ଦାଶଙ୍କୁ ନିଯୁକ୍ତି ମିଳିଛି । ବୌଦ୍ଧ ଜିଲ୍ଲା ମୁଖ୍ୟାଳୟ ଡିଏସପି ସଞ୍ଜୁକ୍ତା ବରାଳଙ୍କ ବିଟିଆଇ ବୁର୍ଲାରେ ନିଯୁକ୍ତ କରାଯାଇଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍‌ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଗାନ୍ଧୀବାଦ ସବୁକାଳରେ ପ୍ରାସଙ୍ଗିକ: ମୃଣାଳ ଚାଟାର୍ଜୀ






ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଏନଏସ୍‌ସିବି କଲେଜରେ ଆଲୋଚନାଚକ୍ର




ସମ୍ବଲପୁର: ଭାରତ ଭଳି ଏକ ବିରାଟ ଦେଶର ଜନତାଙ୍କୁ ଗାନ୍ଧିଜୀ ନିଜ ବିଚାରଧାରାରେ ଉଦବୁଦ୍ଧ କରି ସ୍ୱାଧୀନତା ସଂଗ୍ରାମରେ ସାମିଲ କରାଇଥିଲେ । ଏହା ସମଗ୍ର ବିଶ୍ୱରେ ଏକ ଅନନ୍ୟ ଘଟଣା ଓ ତେଣୁ ଗାନ୍ଧୀବାଦର ପ୍ରାସଙ୍ଗିକତା ସବୁକାଳରେ ରହିବ ବୋଲି ବିଶିଷ୍ଟ ସ୍ତମ୍ଭକାର ଡକ୍ଟର ମୃଣାଳ ଚାଟାର୍ଜୀ କହିଛନ୍ତି ।

ନୃସିଂହ ଗୁରୁ ସ୍ମୃତି ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ଆୟୋଜିତ 'ଏକବିଂଶ ଶତାବ୍ଦୀରେ ଗାନ୍ଧୀବାଦର ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନା ଚକ୍ରରେ ଯୋଗ ଦେଇ ଡକ୍ଟର ଚାଟାର୍ଜୀ ମହାତ୍ମା ଗାନ୍ଧୀଙ୍କ ଜନ୍ମ, ଜୀବନୀ, ରଚନାତ୍ମକ କାର୍ଯ୍ୟଧାରା, ଗାନ୍ଧୀ ପ୍ରବର୍ତ୍ତିତ ଅହିଂସା, ସାମ୍ୟ, ପରିବେଶ ସଚେତନତା, ଗାନ୍ଧୀଙ୍କ ଦୂରଦୃଷ୍ଟି, ଗାନ୍ଧୀ ବିଚାରଧାରାର ପ୍ରାସଙ୍ଗିକତା ଉପରେ ମାର୍ମିକ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହାଛଡା ମହାତ୍ମାଗାନ୍ଧୀଙ୍କ ସହଧର୍ମିଣୀ କସ୍ତୁରବା ଗାନ୍ଧୀଙ୍କ ତ୍ୟାଗ ଓ ତିତିକ୍ଷାର କଥା ମଧ ମନେ ପକାଇ ଦେଇଥିଲେ ।

ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ରଙ୍କ ଅଧକ୍ଷତା ତଥା ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡକ୍ଟର ଶ୍ୟାମ ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ପ୍ରଦୀପ କୁମାର ହରପାଲ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଗାନ୍ଧୀ ଆଦର୍ଶ ଓ ଗାନ୍ଧୀ ଚେତନା ଉପରେ ନିଜସ୍ୱ ମତ ଉପସ୍ଥାପନ କରିଥିଲେ ।

ବକ୍ତବ୍ୟ ଶେଷରେ ସ୍ନାତକୋତ୍ତର ଇତିହାସ ବିଭାଗର ସହକାରୀ ପ୍ରଫେସର ତଥ ଆଇକ୍ୟୁଏସି ସଂଯୋଜକ ଡକ୍ଟର ରଘୁମଣି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧାପକ-ଅଧାପିକାଙ୍କ ସହିତ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଅଧାପକ ସୁରେଶ ଏକ୍କା, ଡକ୍ଟର ଶ୍ରଦ୍ଧାମୟୀ ପୁରୋହିତ, ମେଞ୍ଚା ପୂର୍ତ୍ତି, ରୋଶନ ଭୋଇ, ଜୟାଦେବୀ ବାବୁ, ବିଷ୍ଣୁପ୍ରିୟା ବାରିକ, ଯମୁନା ବାଗ, ଚନ୍ଦ୍ରକାନ୍ତି ସୁନା, ଚିନ୍ମୟୀ ସାହୁ, ଶିବୁ କୁମାର ସ୍ୱାଇଁ, ଆଲୋକ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।




## ସମ୍ବଲପୁରରେ ବିକଶିତ ଗାଁ ବିକଶିତ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ




ସମ୍ବଲପୁର: ସମ୍ବଲପୁର ଜିଲ୍ଲା ପ୍ରଶାସନର ଆନୁକୁଲ୍ୟରେ ଧନକଉଡା ବ୍ଲକରେ ରାଜ୍ୟରେ ବିକଶିତ ଗାଁ ବିକଶିତ ଓଡିଶା, ସମୃଦ୍ଧ ଓଡିଶାର ଯୋଜନା ଶୁଭାରମ୍ଭ ଅବସରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ପୂର୍ବତନ ବିଧାୟକ ଶ୍ରୀ ନାଉରୀ ନାଏକ, ଉତ୍ତରାଞ୍ଚଳ ଆଇ.ଜି ହିମାଂଶୁ ଲାଲ, ସମ୍ବଲପୁର ଜିଲ୍ଲାପାଳ ଶ୍ରୀ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମର ଆୟୁକ୍ତ ବେଦଭୂଷଣ, ମୁଖ୍ୟ ଜିଲ୍ଲା ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ରଙ୍କ ସମେତ, ପ୍ରଶାସନିକ ଅଧିକାରୀ, ଜନ-ସାଧାରଣ ଉପସ୍ଥିତ ଥିଲେ ।

## ଲତା ମଙ୍ଗେସକରଙ୍କ ପୁଣ୍ୟତିଥି ଅବସରରେ ସମ୍ବଲପୁରରେ ସଙ୍ଗୀତ ସନ୍ଧ୍ୟା




ସମ୍ବଲପୁର: ଭାରତୀୟ ପ୍ରଚ୍ଛଦପଟ ଗାୟିକା ସ୍ୱର ସାମ୍ରାଜ୍ଞି ଲତା ମଙ୍ଗେସକରଙ୍କ ପୁଣ୍ୟ ତିଥି ଅବସରରେ ବୀର ସୁରେନ୍ଦ୍ର ସାଏ ଚେରିଟେବୁଲ ଟ୍ରଷ୍ଟ ଓ ମାରୱାଡ଼ି ଯୁବା ମଞ୍ଚ ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରେକ୍ଷାଳୟ ଏକ ସଙ୍ଗୀତ ସନ୍ଧ୍ୟାର କାର୍ଯ୍ୟକ୍ରମ ଆୟୋଜିତ ହୋଇ ଯାଇଛି । ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ସୁନାମଧନ୍ୟ କଳାକାର ମୁଖତାର ଶାହ, ମନୋହର ପୋଖରିଆ, ଚିରାଗ ଦେଶାଇ, ଦୀପକ କୁର୍ମା, ଦୀପାଲି ଶାସ୍ତ୍ରୀ, ପୁନମ ମହାନ୍ତି ପ୍ରମୁଖ ସତୁରୀ ଅଶୀ ଦଶକର ବିଭିନ୍ନ ପ୍ରକାରର ଗୀତ ଗାଇ ଦର୍ଶକଙ୍କ ମନ ମୋହି ନେଇଥିଲେ । ଉଦ୍‌ଘୋଷକ ସୁଲେମାନ ଦିୱାନା ଓ ଉଦ୍‌ଘୋଷିକା ମୀମାଂସା ରଥ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

ଏହି ସଙ୍ଗୀତ ବିଚିତ୍ରା କାର୍ଯ୍ୟକ୍ରମରେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିବା ବେଳେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଦବ, ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର, ସମ୍ବଲପୁର ପୌରାୟୁକ୍ତ ବେଦଭୂଷଣ, ପୂର୍ବତନ ରେଙ୍ଗାଲି ବିଧାୟକ ନାଉରି ନାୟକ, ପୂର୍ବତନ ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଆକର୍ଷିତ କରିଥିବା କଳାକାରମାନଙ୍କୁ ଅତିଥିମାନେ ସମ୍ବଲପୁରୀ ବସ୍ତ୍ର, ମାନପତ୍ର, ସ୍ମୃତି ଚିହ୍ନ ଦେଇ ସମ୍ମାନିତ କରିଥିଲେ । ବିଶିଷ୍ଟ କଳା ସଂଗଠକ ପ୍ରଫୁଲ୍ଲ ହୋତା ସମ୍ମାନ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ ।

ସୁଶାନ୍ତ ପୁରୋହିତ, ପରାଗ ଅଗ୍ରୱାଲ ଓ ଅର୍ପଣ ଦାଶ ନାୟକ୍ କାର୍ଯ୍ୟକ୍ରମ ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବେଳେ ଅନିଲ ବେହେରା, ସରୋଜ ଦଲପତ୍, ବିପିନ ଭାଟିଆ, ମାନସ ରଞ୍ଜନ ବକ୍ସି, ସମୀର ରଞ୍ଜନ ବାବୁ, ମୋହନ ଦାଶ, ପ୍ରଭୁଦତ୍ତ ପଣ୍ଡା, ଅଶୋକ ଦାଶ, ଗୋପାଲ ଅଗ୍ରୱାଲ, ଅଜିତ ବେହେରା, ଶିବ ଦିୱାନ୍, ବିନାୟକ ରାମ, ସିତାକାନ୍ତୀ ମେସୁଆ, ଲକ୍ଷ୍ମୀପ୍ରିୟା ଜେନା, ପୁଷ୍ପାଞ୍ଜଳି ଜେନା, ରିଙ୍କି ସାହୁ, ଅଞ୍ଜଳୀ ଛୁରା, ସୋନଲ ପାୟଲ, ରୀନା ଭାଲୋଟିଆ, ଆଶା ଅଗ୍ରୱାଲ, ପ୍ରମୁଖ ସହଯୋଗ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭ ରେ ସ୍ୱର୍ଗୀୟା ଲତା ମଙ୍ଗେସକରଙ୍କ ଉଦ୍ଦେଶ୍ୟ ରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯିବା ପରେ 'ଏ ମେରେ ୱତନ୍ କେ ଲୋଗୋ' ଗୀତ ପରିବେଷଣ କରି ଦେଶର ବୀର ସହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 9437348018
e-mail: hemantamahapatra@yahoo.com Editor : Hemanta Kumar Mahapatra